



# ସୋନପୁର ରଥଖଳାରେ ଶ୍ରୀଜଗନ୍ନାଥଙ୍କ ରଥକାଠ ପୂଜାର୍ଚ୍ଚନା



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସୁବର୍ଣ୍ଣପୁର ରଥଖଳା ଠାରେ ଜଗନ୍ନାଥଙ୍କ ରଥକାଠ ଅନୁକୂଳ ହୋଇଛି। ସୋନପୁର ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥଙ୍କ ତତ୍ତ୍ୱାବଧାନରେ ରଥଖଳା ଠାରେ ରଥକାଠକୁ ରୀତିନୀତି ସହ ପୂଜାର୍ଚ୍ଚନା କରାଯାଇଥିଲା। ଦେବୋତ୍ତର ମ୍ୟାନେଜର ଆଲୋକ ମିଶ୍ର ଦେବୋତ୍ତର କମିଟି ସଦସ୍ୟ ବୈକୁଣ୍ଠ ଶତପଥୀ, ଲଡୁ କିଶୋର ମଲ୍ଲିକ ଓ ସମସ୍ତ ସଦସ୍ୟଙ୍କ ସମେତ ରଥ କାରିଗର ଉପସ୍ଥିତ ଥିଲେ। ସହରର ବଡ଼ ଜଗନ୍ନାଥଙ୍କ ପୂଜକ ରାମଗୋପାଳ ପୂଝାରୀ, ପୂଜକ ଶ୍ରୀ ପାଢ଼ୀ ପୂଜାର୍ଚ୍ଚନା କରିଥିବା ବେଳେ ପ୍ରଦୀପ ପୁରୋହିତ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଦୟାନିଧି ସେଠି, ପଦ୍ମଲୋଚନ ମିଶ୍ର, ବୃନ୍ଦାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ତିନି ଠାକୁରଙ୍କ ପୁରୁଣା ରଥ ସବୁକୁ ଟାଣିବା ବେଳେ ନାନା ଘଟଣା ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନ ନଷ୍ଟ ହୋଇଆସୁଥିଲା । ଚଳିତ ବର୍ଷର ନୂଆଁ ରଥ ନିର୍ମାଣ ପାଇଁ ଜିଲ୍ଲାପାଳ ଡ଼ ନୃପ ରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ଦେବୋତ୍ତର ବିଭାଗ ଅଧିକାରୀ ଡ଼ ସୌମ୍ୟା ରୂପା ରଥଙ୍କ ତତ୍ତ୍ୱାବଧାନରେ ନୂଆଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସହରର ଭକ୍ତ ଶ୍ରଦ୍ଧାଳୁ ବୁଦ୍ଧିଜୀବୀ ମହଲରେ ଖୁବ୍ ପ୍ରଶଂସା କରାଯାଇଛି।

# ବସ୍ ଆଶ୍ରୟସ୍ଥଳୀରେ ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଇସ୍ପାତ ସହରର ତାପମାତ୍ରା ୪୦ ଡିଗ୍ରି ପାର୍ ହେଲାଣି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)ର ପୂର୍ବାନୁମାନ ଅନୁସାରେ ସହରର ତାପମାତ୍ରା ୪୫ ଡିଗ୍ରି ଛୁଇଁବ। ଅର୍ଥାତ୍ ଏହି ସମୟରେ ସହରର ବିଭିନ୍ନ ବସ୍ ଆଶ୍ରୟସ୍ଥଳୀରେ ବସ୍‌କୁ ଅପେକ୍ଷାକରି ରହୁଥିବା ଯାତ୍ରୀ ପ୍ରଚଣ୍ଡ ଖରାରେ ସିଝିବା ନିଶ୍ଚିତ। କାରଣ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ନିର୍ମିତ ୩୮ଟି ବସ୍ ଆଶ୍ରୟସ୍ଥଳରେ ମୌଳିକ ସୁବିଧା ନାହିଁ। ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ଯାତ୍ରୀଙ୍କୁ ଖରା ଓ ବର୍ଷାରୁ ମୁକ୍ତି ଦେବାକୁ ରାଉରକେଲା ଓ ଆଖପାଖ ଅଞ୍ଚଳରେ ଉଚ୍ଚ ଯାତାୟାତ ଜଙ୍କସନ୍ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩୮ଟି ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ବିଶେଷକରି, ବିର୍ସା ଛକ, ରେଲୱେ ଷ୍ଟେସନ୍, ପ୍ରମୁଖ ଛକ ଯଥା- ଉଦିତନଗର, ପାନପୋଷ ଛକ, ହନୁମାନ ବାଟିକା ଛକ, ଛେଣ୍ଡ, ଡିଏଭି




ଛକ, ବିଭିନ୍ନ ଶିକ୍ଷାନୁଷ୍ଠାନଥିବା ଅଞ୍ଚଳ, ଯଥା- ଏନ୍ଆଇଟି ମୁଖ୍ୟ ଗେଟ୍ ଓ ବ୍ୟାକ୍ ପୋଷ୍ଟ, ବିପିୟୁଟି, ଝିରପାଣି, ବିଭିନ୍ନ ଜନବସତି ଓ ମାର୍କେଟ୍ ଅଞ୍ଚଳ, ଯଥା- କୋଏଲନଗର, ବାସନ୍ତୀକଲୋନୀ, ସିଭିଲ୍ ଟାଉନ୍‌ସିପ୍, ଫର୍ଟିଲାଇଜର ଟାଉନ୍‌ସିପ୍, ଇସ୍ପାତ ସହରାଞ୍ଚଳ, ସ୍ୱାସ୍ଥ୍ୟ ଭିତ୍ତିଭୂମି ଥିବା ଅଞ୍ଚଳ ଯଥା- ରାଉରକେଲା ସରକାରୀ ଡାକ୍ତରଖାନା, ଇସ୍ପାତ ଜେନେରାଲ ହସ୍ପିଟାଲ୍ ସମେତ ସହରର ଆଖପାଖ ଅଞ୍ଚଳ ଯଥା- ବେଦବ୍ୟାସ, ବନ୍ଧମୁଣ୍ଡା, ଲାଠିକଟା, ଜଗଦା ଆଦି ସ୍ଥାନରେ ଯୋଜନାବଦ୍ଧ ଭାବେ ବସ୍ ଆଶ୍ରୟସ୍ଥଳୀ ତିଆରି କରାଯାଇଥିଲା। କିନ୍ତୁ ଏଠାରେ ମୌଳିକ ସୁବିଧା ପ୍ରାୟତଃ ନାହିଁ। ବିଶେଷକରି ପାନୀୟ ଜଳ, କାର୍ଯ୍ୟକ୍ଷମ ସିଟ୍, ପର୍ଯ୍ୟାପ୍ତ ଛାଇର ଅଭାବ ଯୋଗୁ ଯାତ୍ରୀ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକାଧିକ ଆଶ୍ରୟସ୍ଥଳୀ ଏବେ ଅବହେଳିତ ଅବସ୍ଥାରେ ରହିଛି। ତେବେ କେବଳ ଏଭଳି ଆଶ୍ରୟସ୍ଥଳୀ ନୁହେଁ ବରଂ ବିଭିନ୍ନ ସରକାରୀ ଓ ବେସରକାରୀ ବସ୍‌ଗୁଡ଼ିକ ମଧ୍ୟ ସରକାରୀ ନିୟମ ଅନୁସରଣ କରୁନାହାନ୍ତି। ଗ୍ରୀଷ୍ମ ସମୟରେ ପ୍ରତ୍ୟେକ ବସ୍‌ରେ ସମସ୍ତ ଯାତ୍ରୀଙ୍କ ପାଇଁ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ୍, ଆଇସ୍ ପ୍ୟାକ୍, ପ୍ରାଥମିକ ଚିକିତ୍ସା କିଟ୍ ଆଦି ରହିବା ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ପରିଚାଳନା ଓ ସମୟ ନିର୍ଦ୍ଧାରଣ ପ୍ରତିବନ୍ଧକେ, ସିଟ୍ ସଂଖ୍ୟା ଅନୁଯାୟୀ ଯାତ୍ରୀ ପରିବହନ ଆଦି ମାନଦଣ୍ଡ ପୂରଣ କରିବା ବାଧ୍ୟତାମୂଳକ। କିନ୍ତୁ ଗୋଟିଏ ବି ବସ୍ ଏସବୁ ନିୟମ ପାଳନ କରୁନଥିବା ଦେଖିବାକୁ ମିଳିଛି। ଏମିତିକି ରାଉରକେଲା ସହର ଭିତରେ ଓ ବିଶ୍ରା, ବୀରମିତ୍ରପୁର, ରାଜଗାଙ୍ଗପୁରକୁ ଚଳାଚଳ କରୁଥିବା ଆମ୍ ବସ୍ ବି ଏସବୁ ନିୟମ ମାନୁନାହାନ୍ତି। ଯଦ୍ୱାରା ସହରର ଯାତ୍ରୀ ଅଂଶୁଘାତର ଶିକାର ହେବା ଆଶଙ୍କା ସର୍ବାଧିକ।

# କାଳିପଲ୍ଲୀ ପଞ୍ଚାୟତରେ କିଡ୍‌ନୀ ଆତଙ୍କ:୯୭ ଆକ୍ରାନ୍ତ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍‌ର କାଳିପଲ୍ଲୀ ପଞ୍ଚାୟତରେ ଗତ ୧୫ ବର୍ଷ ଭିତରେ କିଡ୍‌ନୀ ଜନିତ ରୋଗ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପଞ୍ଚାୟତ ନିକଟରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇଏଲ୍) କମ୍ପାନୀର ମୋନାଜାଇଟ୍ ପ୍ଲାଣ୍ଟ ଯୋଗୁଁ ପାଣି ଦୂଷିତ ହେଉଥିବାରୁ ଏହାକୁ ପିଇ ଲୋକେ କିଡ୍‌ନୀ ରୋଗରେ ପଡୁଥିବା ଅଭିଯୋଗ ହେଉଥିଲେ ବି ଏଯାବତ୍ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଛି। ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ପୂର୍ବତନ ସରପଞ୍ଚ ପଦ୍ମଚରଣ ସାହୁଙ୍କ ଭାଇ ବସନ୍ତ କୁମାର ସାହୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିଲେ। ବର୍ତ୍ତମାନ କାଳିପଲ୍ଲୀ, ବଡ଼ପୁଟି, ହରିପୁର ଓ ବନ୍ଦରଗାଁ ଅଞ୍ଚଳରୁ ମୋଟ୍ ୯୭ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଆସୁଛନ୍ତି। ତେବେ ବିଗତ କିଛିବର୍ଷ ମଧ୍ୟରେ କିଡ୍‌ନୀ ରୋଗ




ପଞ୍ଚାୟତର ୪୦ ଜଣଙ୍କ ଜୀବନ ନେଇଥିବା ବେସରକାରୀ ତଥ୍ୟରୁ ସୂଚନା ମିଳିଛି । ଗୋଟିଏ ପଞ୍ଚାୟତରୁ ଏତେସଂଖ୍ୟକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଆଇଆର୍‌ଇଏଲ୍ କର୍ତ୍ତୃପକ୍ଷ ଖାମଖିଆଲ ନୀତି ଆପଣାଉଥିବା ଗ୍ରାମବାସୀ କହିଛନ୍ତି। କାଳିପଲ୍ଲୀ, ବାସନାପୁଟି, ଉପୁଲାପୁଟି, ହରିପୁର, ବନ୍ଦର, ରେକତୁର, ବଡ଼ପୁଟି, ଭାଗିନେପଟ, ଲକ୍ଷ୍ମୀପୁର, ଏସ୍.ପାଇକପଡ଼ା, ଇ.ପାଇକପଡ଼ା ଓ ପଲିପଦର ଏଭଳି ୧୨ଟି ଗାଁକୁ ନେଇ କାଳିପଲ୍ଲୀ ପଞ୍ଚାୟତ ଗଠିତ। ଏହି ସମସ୍ତ ଗ୍ରାମରେ ବର୍ତ୍ତମାନ କିଡ୍‌ନୀ ରୋଗୀ ଥିବାବେଳେ କାଳିପଲ୍ଲୀ ଓ ବଡ଼ପୁଟିରେ ଏହି ସଂଖ୍ୟା ଅଧିକ। ବାରମ୍ବାର ଅଭିଯୋଗ ପରେ ରୋଗର କାରଣ ଖୋଜିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମକୁ ଆସୁଛି। ସ୍ୱାସ୍ଥ୍ୟ ପରୀକ୍ଷା କରି ପାଣି ନମୁନା ମଧ୍ୟ ସଂଗ୍ରହ କରୁଛି। କିନ୍ତୁ କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତାହାର ମୂଳ କାରଣ ଖୋଜି ପାଇପାରୁନି। ଅନ୍ୟପକ୍ଷରେ ଆଇଆର୍‌ଇଏଲ୍ ପକ୍ଷରୁ ପ୍ରତି ଗ୍ରାମର ଜଣେ ଜଣେ ଲୋକଙ୍କ ୨୦ ପ୍ରକାର ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀ ମାସରେ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଇଆର୍‌ଇଏଲ୍ ପକ୍ଷରୁ ସ୍କ୍ରିନିଂ ପାଇଁ ଯୋଜନା ଆରମ୍ଭ ହୋଇଥିଲା। ହେଲେ ମାତ୍ର ଗୋଟିଏ ଦିନ ସ୍କ୍ରିନିଂ ହୋଇଥିବା ବେଳେ ହଠାତ୍ ବନ୍ଦ କରି ଦିଆଯାଇଥିଲା। କିଡ୍‌ନୀ ରୋଗ ବ୍ୟାପୁଥିବାରୁ ଲୋକେ ରହିବାକୁ ବି ସୁରକ୍ଷିତ ମଣୁନାହାନ୍ତି। ଆଇଆର୍‌ଇଏଲ୍ କର୍ତ୍ତୃପକ୍ଷ ସ୍କ୍ରିନିଂ ନାଁରେ ଭୁଆଁ ବୁଲାଉଥିବା ଲୋକେ କହିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଚାପରେ ସ୍ୱାସ୍ଥ୍ୟ ବିଭାଗ ସଠିକ୍ ରିପୋର୍ଟ ପଦାକୁ ଆଣୁନି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ପଞ୍ଚାୟତ ସ୍ୱାସ୍ଥ୍ୟସେବା ସମେତ ଅନ୍ୟ ମୌଳିକ ସୁବିଧାରୁ ବି ବଞ୍ଚିତ ହୋଇ ରହିଛି। ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ସାମାନ୍ୟ ରୋଗର ଚିକିତ୍ସା ପାଇଁ ବ୍ରହ୍ମପୁର ଓ ଛତ୍ରପୁର ଆସୁଛନ୍ତି।

# ହୁମ୍ମା ରାଜବାଟୀରେ ଶ୍ରୀଜୀଉଙ୍କ ରଥ ନିର୍ମାଣ ଶୁଭାରମ୍ଭ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ବରଗଡ଼ ଜିଲ୍ଲା ଗଞ୍ଜାମ ଜିଲ୍ଲା ହୁମ୍ମା ରାଜବାଟି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୂତନ ରଥ କାଠ ନିର୍ମାଣ ଅକ୍ଷୟ ତୃତୀୟା ଅବସରରେ କାର୍ଯ୍ୟ ସୋମବାର ଦିନ ଶୁଭାରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ହୁମ୍ମା ଗ୍ରାମର ରାଜା ସାହେବ ରାଘବେନ୍ଦ୍ର ନାରାୟଣ ଦେଓଙ୍କ ଅଧ୍ୟକ୍ଷତାରେ ପୁରୋହିତ ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରଥମେ ଜଗନ୍ନାଥ ମନ୍ଦିରର ରଥ କାଠ ନିର୍ମାଣ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶୁଭ ମୁହୂର୍ତ୍ତରେ କାରିଗରମାନେ ରଥ ତିଆରି କାମକୁ ଆରମ୍ଭ କରିଥିଲେ। ଏହି ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ହୁମ୍ମା ଗ୍ରାମର କାରିଗରମାନେ ସକ୍ରିୟ ଭାବେ ଯୋଗଦେଇ ରଥ ନିର୍ମାଣ କରୁଛନ୍ତି। ଶରତ ଚନ୍ଦ୍ର ପଟ୍ଟନାୟକ, ଦଇତାରୀ ରେଡ଼ି, ବଳରାମ ରେଡ଼ି, ଯୋଗେନ୍ଦ୍ର ରେଡ଼ି, ବାବୁଲା ସାମନ୍ତ, ବିଜୟ ଚନ୍ଦ୍ର ମହାରଣା, ବିଜୟ ମହାରଣା ଏହି କାମରେ ମୁଖ୍ୟ ଭୂମିକା ନିଭାଉଛନ୍ତି। ସମସ୍ତଙ୍କ ସମନ୍ୱୟ ଓ ପାରମ୍ପରିକ କୌଶଳରେ ରଥ ନିର୍ମାଣ କାମ ସୁଚାରୁ ଭାବେ ଆଗେଇ ଯାଉଛି। ମୁଖ୍ୟ କାରିଗର କହିଛନ୍ତି, "ରଥ ତିଆରି କରିବା ଆମ ପାଇଁ କେବଳ ଜୀବିକା ନୁହେଁ, ଏହା ଏକ ଭକ୍ତିର ସେବା। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ଆମେ ଭଗବାନଙ୍କ କୃପାରେ ଏହି ପବିତ୍ର କାମ ଆରମ୍ଭ କରିଛୁ। ସମୟ ମଧ୍ୟରେ ଓ ଶୃଙ୍ଖଳିତ ଭାବେ କାମ ସମାପ୍ତ କରିବା ପାଇଁ ଆମେ ସମସ୍ତେ ଏକତାର ସହ କାମ କରୁଛୁ।" ଉଲ୍ଲେଖନୀୟ, ହୁମ୍ମା ରାଜବାଟିରେ ଦୀର୍ଘ ବର୍ଷର ଭଗ୍ନ ରଥ ପୁନଃ ନିର୍ମାଣ ଏହି ବର୍ଷ ନୂଆ ରଥ ତିଆରି ହେଉଥିବାରୁ ଏହାକୁ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖାଯାଉଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହେଉଥିବା ଏହି ପାରମ୍ପରିକ କାର୍ଯ୍ୟ ଗ୍ରାମବାସୀଙ୍କ ମନରେ ଭକ୍ତି ଓ ଉତ୍ସାହକୁ ବଢ଼ାଇଛି। ଆସନ୍ତା ରଥଯାତ୍ରାକୁ ନେଇ ଏବେ ଠାରୁ ଗ୍ରାମରେ ଉତ୍ସବମୟ ପରିବେଶ ସୃଷ୍ଟି ହୋଇଛି ଓ ସମସ୍ତେ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି।

# ଜଗତସିଂହପୁର ଜିଲ୍ଲାରେ ସକାଳୁଆ ଖୋଲିବ ସବୁ ସ୍କୁଲ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଖରା ଓ ଗୁଳୁଗୁଳି ଜାରି ରହିଥିବାରୁ ସକାଳୁଆ ସ୍କୁଲ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଜଗତସିଂହପୁର ଜିଲ୍ଲାରେ ଥିବା ସମସ୍ତ ବିଦ୍ୟାଳୟଗୁଡ଼ିକୁ ସୋମବାର ଜିଲ୍ଲାପାଳଙ୍କ ପକ୍ଷରୁ ପତ୍ରନଂ ୮୨୬/୨୬ରେ ସକାଳୁଆ ସ୍କୁଲ ଘୋଷଣା କରିଛନ୍ତି ଜିଲ୍ଲାପାଳ । ପ୍ରଚଣ୍ଡ ତାତି ପାଇଁ ଛୁଟି ଘୋଷଣା କରିପାରିବେ ଜିଲ୍ଲାପାଳ । ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ସକାଳ ୬.୩୦ରୁ ୯ଟା ପର୍ଯ୍ୟନ୍ତ ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ବର୍ଷା ନହେବାର ସମ୍ଭାବନା ଥିବାରୁ ଜିଲ୍ଲାପାଳ ଜେ. ସୋନାଲ ପକ୍ଷରୁ ସମସ୍ତ ସରକାରୀ ବେସରକାରୀ ସ୍କୁଲକୁ ୬.୩୦ରୁ ୯ଟା ନିମନ୍ତେ ସୂଚନା ପ୍ରଦାନ କରାଯାଇଛି । ପରବର୍ତ୍ତୀ ସମୟରେ ତାତି ଦେଖି ନିଷ୍ପତ୍ତି ନିଆଯିବ।

# ବେଆଇନ୍ କରତ କଳ ଉପରେ ଚଢ଼ଉ:୩ ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ଅଧିନସ୍ଥ ହବିବନଗର ଠାରେ ବେଆଇନ୍ କରତକଳ ଉପରେ ସୋମବାର ଧାମନଗର ବନ ବିଭାଗ ଚଢ଼ଉ କରି କାଠ ଓ ଯନ୍ତ୍ରାଂଶ ଜବତ କରିଛି। ଭଦ୍ରକ ଜିଲ୍ଲା ଧାମନଗର ବଜାର ଠାରେ କିଛି ଦିନ ହେଲା ବେଆଇନ୍ ଭାବେ କରତକଳ ଚାଲି ଆସୁଥିଲା। ଧାମନଗର ବନ ବିଭାଗ ସୋମବାର ସକାଳୁ ଚଢ଼ଉ କରିଛି । ବନ ବିଭାଗ ବେଆଇନ୍ କରତ କଳରୁ ପୁଂଟିଆ, ଜାମୁ, ଅର୍ଜୁନ ଓ ଅନ୍ୟାନ୍ୟ କାଠ ଗଡ ଓ ଯନ୍ତ୍ରାଂଶ ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଜବତ କରିଛି। ଚାନ୍ଦବାଲି ଡିଏଫ୍‌ଓଙ୍କ ମୃତ୍ୟୁ ପରେ ଚାର୍ଜରେ ଥିବା ଭଦ୍ରକ ଏସିଏଫ୍ ସୁମିତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ବନବିଭାଗ ରେଞ୍ଜର ବବୁଲ ମଲିକ, ଧାମନଗର ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ମଧୁସ୍ମିତା ମହାନ୍ତି, ଫରେଷ୍ଟଗାର୍ଡ ପୀତବାସ ଶଙ୍ଖୁଆ, ସୁହାସିନୀ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଲିପିକା ପ୍ରିୟଦର୍ଶନୀ ଦାସ, ଲକ୍ଷ୍ମୀ ହେମ୍ବ୍ରମ, ରେବତୀ ତ୍ରିପାଠୀ, ନିକିତା ସିଂଙ୍କ ସମେତ ଧାମନଗର ପୋଲିସ ସହାୟତାରେ ଧାମନଗର ଏନ୍‌ଏସି ଅଧିନ ମୁଖ୍ୟ ରାସ୍ତା ପାର୍ଶ୍ୱରେ ହବିବନଗର ଠାରେ ଚାଲୁଥିବା ବେଆଇନ୍ କରତକଳ ଉପରେ ଚଢ଼ଉ କରିଥିଲେ। ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ବବୁଲ ମଲିକଙ୍କ ସୂତ୍ରରୁ ପ୍ରକାଶ। ଚଢ଼ଉ ସମୟରେ କରତକଳ ମାଲିକ ଫେରାର୍ ହୋଇଯାଇଥିବା ଜଣାଯାଇଛି।



# ୫ ବର୍ଷ ହେଲା ସହରର ମୁଖ୍ୟ ରାସ୍ତା ଉପରେ ପଡ଼ିରହିଛି ଟ୍ୟାଙ୍କର୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସହରର ମୁଖ୍ୟ ପେଣ୍ଠସ୍ଥଳୀ ତିନିମୁହାଣୀ ବଜାର ଠାରେ ନାଗାଲାଣ୍ଡର ଏକ ବଡ ଟ୍ୟାଙ୍କର୍ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ରାସ୍ତା ଉପରେ ପଡିରହିଛି। ଯାହାଫଳରେ ଜଗତପୁରରୁ ଚାନ୍ଦବାଲି ପର୍ଯ୍ୟନ୍ତ ଏହି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟକ ଗାଡି ଯାତାୟତ କରୁଛି। ଏହି ଗାଡିଟି ରାସ୍ତା ଉପରେ ପଡିରହିଥିବାରୁ ଯାତାୟାତ କରୁଥିବା ଗାଡିଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରାପଡା ପୌରସଂସ୍ଥା ଓ ଟାଉନ୍ ପୋଲିସ୍ ତୁରନ୍ତ ଏହି ଗାଡିକୁ ଉଠାଇବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଦାବି କରିଛନ୍ତି।

# ଘରୋଇ ହସ୍ପିଟାଲ୍ ପ୍ରତିନିଧିଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ବେସରକାରୀ



ହସ୍ପିଟାଲର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଜେରିଆନ୍ (ସି-ସେକ୍ସନ୍) ଡେଲିଭେରିର ପ୍ରବଣତା ଉପରେ ଚିନ୍ତା ବ୍ୟକ୍ତ କରାଯାଇଥିଲା। ବୈଠକରେ ଉଲ୍ଲେଖ ହୋଇଥିଲା ଯେ କିଛି ହସ୍ପିଟାଲ୍‌ରେ ଅସାମାନ୍ୟ ଭାବେ ଅଧିକ ହାରରେ, କେତେକ ମାମଲାରେ ଶତ ପ୍ରତିଶତ ପର୍ଯ୍ୟନ୍ତ ସମସ୍ତ ଡେଲିଭେରି ସିଜେରିଆନ୍ ମାଧ୍ୟମରେ କରାଯାଉଛି। ଏପରି ପ୍ରଚଳନ ଅନେକ ସମୟରେ ଅଚିକିତ୍ସାମୂଳକ କାରଣରୁ ପ୍ରେରିତ ହୋଇଥାଇପାରେ। ଯାହା ମାତୃ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ରୋଗୀ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ସୃଷ୍ଟି କରେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସିଜେରିଆନ୍ ଡେଲିଭରି କେବଳ ଯଥାର୍ଥ ଚିକିତ୍ସାଜନିତ ଆବଶ୍ୟକତା ଅନୁଯାୟୀ କରାଯିବା ଉଚିତ୍। ଏହାକୁ ରୁଟିନ୍ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବନାହିଁ। ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିୟମିତ ପାଳନ ସୁନିଶ୍ଚିତ କରିବା ପାଇଁ: ଜିଲ୍ଲା ସ୍ତରରେ ମନିଟରିଂ ଟିମ୍ ଗଠନ କରାଯିବ। ଏହି ଟିମ୍ ନିୟମିତ ଓ ଆକସ୍ମିକ ଭାବେ ବେସରକାରୀ ହସ୍ପିଟାଲ୍ ପରିଦର୍ଶନ କରିବେ। ଯେକୌଣସି ହସ୍ପିଟାଲ୍ ଯଦି ଅନୁଚିତ ବା ଅନୈତିକ ଭାବରେ ସିଜେରିଆନ୍ ଡେଲିଭରି କରୁଥିବାର ଧରାପଡ଼େ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଲାଇସେନ୍ସ ବାତିଲ୍ କରାଯିବ। ସମସ୍ତ ବେସରକାରୀ ହସ୍ପିଟାଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବେ ଏବଂ ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ା ଭାବରେ ପାଳନ କରିବେ।

# ଡ. ଚନ୍ଦ୍ରକଳା ନାୟକଙ୍କ କବିତାକୁ ସର୍ବଶ୍ରେଷ୍ଠ ସମ୍ମାନ




**ଯାଜପୁର, ନ୍ୟୁଜ୍**

ଭାଷା, ସଂସ୍କୃତି ସମାଜ ଭୁବନେଶ୍ୱର ତରଫରୁ ଅନୁଷ୍ଠିତ ହେଉଥିବା କବିତା ପାଠୋତ୍ସବରେ ଯାଜପୁରର କବି ଡ. ଚନ୍ଦ୍ରକଳା ନାୟକଙ୍କ କବିତା ସର୍ବଶ୍ରେଷ୍ଠ କବିତା ସମ୍ମାନ ପାଇଛି। ଏହାପର ବୈଠକରେ ଏହି କବିଙ୍କ କବିତା ସମୀକ୍ଷା କରାଯାଇ କବିତାରେ ପ୍ରତାରିତ ପ୍ରେମ ମଧ୍ୟ ଚିରନ୍ତନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଭାଷା, ସଂସ୍କୃତି ସମାଜ ତରଫରୁ ଅନୁଷ୍ଠିତ ରେଡକ୍ରସ୍ ଭବନରେ ବସନ୍ତ କବିତା ଆସରରେ ରାଜ୍ୟର ବହୁ କବି ଯୋଗଦେଇ ନିଜର କବିତା ପାଠ କରିଥିଲେ। ଏହି କବିତା ପାଠୋତ୍ସବରେ ଯାଜପୁରର କବି ଡ.ଚନ୍ଦ୍ରକଳା ନାୟକଙ୍କ କବିତା ଫଗୁଣ ଆସେ ଶ୍ରେଷ୍ଠ କବିତା ଭାବେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମନୋନୀତ ହୋଇଥିଲା। ଏହାପରେ କବିତା ସମୀକ୍ଷା ବୈଠକ ଖାରବେଳ ନଗରର ରାଜଧାନୀ କଳା ସଂସଦରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ କୁମାର ସିଂ ଏବଂ ଡ. ଚନ୍ଦ୍ରକଳା ନାୟକଙ୍କ ଦୁଇଟି ନିର୍ବାଚିତ କବିତା ପାଠ କରାଯାଇ ରାଜ୍ୟର ପ୍ରତିଷ୍ଠିତ କବିମାନଙ୍କ ଦ୍ୱାରା ଏହାର ସମୀକ୍ଷା କରାଯାଇଥିଲା। ଚନ୍ଦ୍ରକଳାଙ୍କ କବିତା 'ତୁମ ପଦଚିହ୍ନ' କବିତାରେ ଦେହତୀତ ପ୍ରେମ ଠାରୁ ଶାଶ୍ୱତ ଓ ଚିରନ୍ତନ ପ୍ରେମର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପ୍ରଫେସର ଅଭୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ସମୀକ୍ଷାରେ କବି ନଟବର ମହାନ୍ତି, ବିପିନ ବିହାରୀ ମହାନ୍ତି, ରଶ୍ମୀ ଦାସ, ମଞ୍ଜୁଳା ତ୍ରିପାଠୀ, ନିରୁପମା ରାୟ, ସବିତା ତ୍ରିପାଠୀ, ଦେବରାଜ ବିଶୋୟୀ, ଶ୍ରୀମନ୍ତ ନନ୍ଦ, ବିଦ୍ୟାଧର ଗୁରୁ, ସ୍ୱର୍ଣ୍ଣଲତା ମହାପାତ୍ର, ଡ. ବନ୍ଦନା ମିଶ୍ର, ସ୍ୱପ୍ନ କୁମାର ସାହୁଙ୍କ ସମେତ ବହୁ ସଂଖ୍ୟାରେ କବି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମହାନଦୀର ଜଳକଷ୍ଟ ଲାଘବ ହେଉନି:ସମୁଦ୍ରକୁ ବୋହିଯାଉଛି ପାଣି

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ମହାନଦୀ କୂଳରେ ରହିଥିବା ସମ୍ବଲପୁର ଜିଲ୍ଲାରେ ଜଳକଷ୍ଟର ସଙ୍ଗିନ ସ୍ଥିତି। ମହାନଦୀକୁ ଲାଗି ରହିଥିବା ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଲୋକଙ୍କୁ ପର୍ଯ୍ୟାପ୍ତ ପିଇବା ପାଣି ମିଳିପାରୁନଥିବା ବେଳେ ମହାନଦୀତଟସ୍ଥ ମାନେଶ୍ୱର ବ୍ଲକ୍‌ରେ ମଧ୍ୟ ୬୦ ଗାଁର ଲୋକ ପାଇପ୍ ଯୋଗେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଜଳ ସଂରକ୍ଷଣ ହୋଇନପାରିବା ତଥା ସୁପରିଚାଳନାର ଅଭାବ ଯୋଗୁଁ ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଏହାରି ଭିତରେ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ମିଳିଥିବା ଏକ ତଥ୍ୟ ଅନୁସାରେ, ପ୍ରତିବର୍ଷ ମହାନଦୀରେ ହୀରାକୁଦ ଡ୍ୟାମ୍ ଯେତିକି ପାଣି ରଖୁଛି ତାହାର ୪ ଗୁଣଠାରୁ ଅଧିକ ପାଣି ସମୁଦ୍ରକୁ ପ୍ରବାହିତ ହୋଇଯାଉଛି। ସେପଟେ ମହାନଦୀ ତଳମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ଯୋଜନା ଅତି ମନ୍ଥର ଗତିରେ ଚାଲିଛି। କେବେ ପ୍ରକଳ୍ପ କାମ ଆରମ୍ଭ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପାଇଁ ହୀରାକୁଦର ମୁଖ୍ୟଯନ୍ତ୍ରୀ ଇଂ ସୁଶୀଳ ବେହେରାଙ୍କୁ ଯୋଗାଯୋଗ କରିବାରୁ ତାହା ସମ୍ଭବ



ହୋଇନଥିଲା। ହୀରାକୁଦ ମୁଖ୍ୟବନ୍ଧ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ୧୯୫୮ ମସିହାରୁ ୨୦୨୪ ମସିହା ଯାଏଁ ହୀରାକୁଦ ଜଳଭଣ୍ଡାରକୁ ଉଭୟ ମୌସୁମୀ ଓ ଅଣମୌସୁମୀ ଋତୁରେ ପ୍ରବେଶ କରିଥିବା ଜଳର ପରିମାଣକୁ ହିସାବକୁ ନେଲେ ବାର୍ଷିକ ହାରାହାରି ୨୫.୦୬ ଏମ୍‌ଏଏଫ୍ ପାଣି ଆସୁଛି। ହୀରାକୁଦ ଜଳଭଣ୍ଡାରର ଜଳ ସଂରକ୍ଷଣ କ୍ଷମତା (ଲାଇଭ୍) ୩.୯୧ ଏମ୍‌ଏଫ୍ ରହିଥିବା ବେଳେ ଜଳ ସଂରକ୍ଷଣ କ୍ଷମତା (ମୃତ) ହେଉଛି ୦.୮୭ ଏମ୍‌ଏଏଫ୍। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ପାଣି ମଧ୍ୟରୁ ଉଭୟ ଖରିଫ ଓ ରବି ଋତୁରେ ୧.୯୪୪ ଏମ୍‌ଏଏଫ୍ ପାଣି ଜଳସେଚନ ପାଇଁ ବ୍ୟବହାର କରାଯାଉଛି। ଏହାସହିତ ହୀରାକୁଦ ଜଳଭଣ୍ଡାରର ୭.୭୨୭ ଏମ୍‌ଏଏଫ୍ ପାଣି ବ୍ୟବହାର ହେଉଛି। ଯେଉଁଥିରୁ ୪ ଏମ୍‌ଏଏଫ୍‌ରୁ ଅଧିକ ପାଣି ପୁଣି ମହାନଦୀକୁ ଛାଡ଼ି ଦିଆଯାଉଛି। ହୀରାକୁଦ ଡ୍ୟାମ୍‌ର ସ୍ପିଲ୍ ୱେ ଦେଇ ବାର୍ଷିକ ୧୫.୨୨୫ ଏମ୍‌ଏଏଫ୍ ପାଣି ମହାନଦୀକୁ ଛଡ଼ାଯାଉଛି। ଅର୍ଥାତ୍ ବାର୍ଷିକ ହାରାହାରି ୨୦ ଏମ୍‌ଏଏଫ୍ ପାଣି ହୀରାକୁଦ ନଦୀବନ୍ଧ ଦେଇ ମହାନଦୀକୁ ଯାଉଛି। ଯାହା ସୁବର୍ଣ୍ଣପୁର, ବୌଦ୍ଧ, କଟକ ଜିଲ୍ଲା ଦେଇ ଜଗତସିଂହପୁରରେ ବଙ୍ଗୋପସାଗରରେ ସହ ମିଶୁଛି। ବୋହିଯାଉଥିବା ମହାନଦୀର କିଛି ପାଣି କେବଳ ଯୋବ୍ରା ଓ ମୁଣ୍ଡଳୀ ବ୍ୟାରେଜ୍‌ରେ ସଂରକ୍ଷିତ ହୋଇ ରହୁଥିବା ବେଳେ ବଳକା ପାଣି ସମୁଦ୍ରକୁ ବୋହିଯାଉଛି। ତଳମୁଣ୍ଡରେ ଜଳ ସଂରକ୍ଷଣ ବ୍ୟବସ୍ଥା ରହିଲେ ଆହୁରି ୪ଟି ହୀରାକୁଦ ଭଳି ବିଶାଳ ଜଳଭଣ୍ଡାର ସୃଷ୍ଟି କରାଯାଇପାରନ୍ତା ଓ ଜଳ ସଂରକ୍ଷଣ ହୋଇପାରନ୍ତା। ହୀରାକୁଦ ତଳମୁଣ୍ଡରେ ୧୬ଟି ଡ୍ୟାମ୍, ୧୫ଟି ବ୍ୟାରେଜ୍ ପ୍ରକଳ୍ପ କରିବାକୁ ଯୋଜନାଥିବା ନେଇ ରାଜ୍ୟ ସରକାର ବିଧାନସଭାରେ ଉତ୍ତର ରଖିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସମ୍ବଲପୁରର ଅଯୋଧ୍ୟା ସରୋବରର ପୁନରୁଦ୍ଧାର ସାଙ୍ଗକୁ ଖଇରମାଳ, ଦେଓଗାଁ, ଗୋଧନେଶ୍ୱର, ସୁବଳୟା ବ୍ୟାରେଜ୍ ନିର୍ମାଣକୁ ପ୍ରାଥମିକତା ଦିଆଯାଇଥିବା ଜଣାପଡ଼ିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମହାନଦୀରେ ବୋହି ଯାଉଥିବା ପାଣି ମଧ୍ୟରୁ ୦.୩୦ ଏମ୍‌ଏଏଫ୍ ପାଣି ସଂରକ୍ଷିତ ହୋଇରହିପାରିବ। ଯାହା ପାନୀୟଜଳ ଓ ଜଳସେଚନରେ ବ୍ୟବହାର କରାଯାଇପାରିବ।

# ଜିଲ୍ଲା ସାରା ବୁଲିବ ଜନଗଣନା ରଥ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏକ ଜନଗଣନା ରଥକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ସମୟରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜନଗଣନା ରଥ ଜିଲ୍ଲାର ସମସ୍ତ ବ୍ଲକର ପଞ୍ଚାୟତଗୁଡିକ ବୁଲି ଜନଗଣନା କାର୍ଯ୍ୟରେ ସହଯୋଗ କରିବା ସହିତ ନିଜର ସମସ୍ତ ତଥ୍ୟ ପ୍ରଦାନ କରିବାକୁ ଜନସାଧାରଣଙ୍କୁ ସଚେତନ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅପ୍ରେଲ ୨୦୨୬ ଗୁରୁବାର





# ଢାବାରେ ଚାଲିଥିଲା ଦେହ ବେପାର:୫ ଗିରଫ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଧାଙ୍ଗେର ଆନ୍ଧ୍ରାଟିକ୍ରା ଗାଁ ନିକଟସ୍ଥ ଜୟଦୁର୍ଗା ଢାବାରେ ଦେହ ବ୍ୟବସାୟ କାରବାର ଚାଲିଥିବା ବେଳେ ମାଡ଼ି ବସିଲା ରୁରାଲ ଥାନା ପୋଲିସ । ସେକ୍ସ ରାକେଟ କାରବାର ଚାଲିଥିବା ଘଟଣାସ୍ଥଳରୁ ଜଣେ ଯୁବତୀଙ୍କ ସମେତ ଅନ୍ୟ ୩ ଜଣ ଯୁବକଙ୍କୁ ପୋଲିସ କରିଥିଲା ଗିରଫ । ଅଭିଯୁକ୍ତମାନେ ହେଲେ ସଦର ଥାନା ଅଡ଼ଗାଁ ଗ୍ରାମର ନିମାଇଁ ସାହୁ, ସୁମନ୍ତ ଭୋଇ, ମଦନ ବନଛୋର । ସେହିପରି ଏହି ସେକ୍ସ ରାକେଟ କାରବାର ଘଟଣାରେ ରୁରାଲ ପୋଲିସ ଢାବା ମାଲିକ ଆତ୍ମାରାମ ପଣ୍ଡା ଓ ତାଙ୍କ ପତ୍ନୀ ପ୍ରଣତି ପଣ୍ଡାଙ୍କୁ ପୋଲିସ ଗିରଫ କରିଛି । ଚଢ଼ଉ ବେଳେ ବିଭିନ୍ନ ପ୍ରକାର ସେକ୍ସ ସାମଗ୍ରୀ, ୬ ମୋବାଇଲ, ୨୭୩ ଲିଟର ବିଦେଶୀ ମଦ ସମେତ ୨୬ ହଜାର ୨୬୦ ଟଙ୍କା ଜବତ କରିଛି ପୋଲିସ । ଦେହ ବ୍ୟବସାୟ କରୁଥିବା ଯୁବତୀ ଜଣକ ରାୟଗଡ଼ା ଜିଲ୍ଲାର ବୋଲି ଜଣାପଡ଼ିଛି । ତେବେ ଧାଙ୍ଗେର ଆନ୍ଧ୍ରଟିକ୍ରା ନିକଟସ୍ଥ ଜୟଦୁର୍ଗା ଢାବାରେ ସେକ୍ସ କାରବାର ସହିତ ବେଆଇନ୍ ଭାବେ ବିଦେଶୀ ମଦ କାରବାର ଚାଲିଥିବା ବରଗଡ଼ ଏସ୍‌ପିଙ୍କ ପାଖରେ ଅଭିଯୋଗ ହୋଇଥିଲା । ବରଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଓ ରୁରାଲ ଥାନା ପୋଲିସକୁ ନେଇ ଏକ ଟିମ୍ ଗଠନ କରି ଢାବା ଉପରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ଯୁବତୀଙ୍କ ସମେତ ଅନ୍ୟ ୩ଜଣ ଯୁବକ ସେକ୍ସ କାରବାର ଚଳାଇଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ରାୟଗଡ଼ାରେ ୨୨ ଯୋଡ଼ା ବରକନ୍ୟାଙ୍କ ବିବାହ ସମ୍ପନ୍ନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ସଂସ୍କାର ଓ ମହିଳା ସଶକ୍ତିକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାୟଗଡ଼ା ଠାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' (MKBY)ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଜେ.କେ. ପେପର ମିଲ୍ସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ସମାଜରୁ ବାଲ୍ୟବିବାହ ପ୍ରଥାକୁ ସମୂଳେ ଦୂର କରିବା ସହ ନବଦମ୍ପତିଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା। ଜେ.କେ. ପେପର ମିଲ୍ସର ସିଏସ୍‌ଆର୍ ଶାଖା 'ସ୍ୱର୍ଣ୍ଣ ସୋସିଆଲ ଫାଉଣ୍ଡେସନ୍' ଏହି ଜିଲ୍ଲାର କାର୍ଯ୍ୟକାରୀ ସଂସ୍ଥା ଭାବେ ସମାରୋହଟିକୁ ସଫଳ ଭାବେ ଆୟୋଜନ କରିଥିଲା। ଏହି ଅବସରରେ ଏସ୍.ଡି.ସି. ଅଧ୍ୟକ୍ଷ ବିଦ୍ୟାଧର ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍.ଡି.ସି. ଉପାଧ୍ୟକ୍ଷା ମଞ୍ଜୁଳା ମିନିଆକା ଓ ବିଶିଷ୍ଟ ଅତିଥି ବିଷମକଟକ ବିଧାୟକ ନୀଳମାଧବ ହିକକା, ସମ୍ମାନିତ ଅତିଥି ଏ.ଡି.ଏମ୍. (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଏ.ଡି.ଏମ୍. (ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ଉପ-ଜିଲ୍ଲାପାଳ ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗନ୍ଧର ବାର୍ଲା, ପି.ଏ.-ଆଇ.ଟି.ଡି.ଏ. ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗୋରଡ଼ା, ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଏସ୍.ଏସ୍.ଏସ୍.ଓ. ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ସି.ଡବ୍ଲ୍ୟୁ.ସି. ଅଧ୍ୟକ୍ଷ ପ୍ରମୋଦ ନାଏକ ଏବଂ ଡି.ସି. ଦିବାକର ପରିଚ୍ଛା ସହ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ୨୨ଟି ଯୋଡ଼ିଙ୍କୁ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ସିଧାସଳଖ ବ୍ୟାଙ୍କ ଖାତାକୁ ୪୫,୦୦୦ ଟଙ୍କା ଆର୍ଥିକ ସହାୟତା (DBT) ମାଧ୍ୟମରେ ପ୍ରଦାନ କରାଯିବ। ଜେ.କେ. ପେପର ମିଲ୍ସର ଜି.ଏମ୍. (ଏଚ୍.ଆର୍. ଓ ଆଇ.ଆର୍.) ସନ୍ଦୀପ ପାଣ୍ଡେ, ଜି.ଏମ୍. (କ୍ୱାଲିଟି କଣ୍ଟ୍ରୋଲ) ଗୌରୀଶଙ୍କର ପଟ୍ଟନାୟକ ଏବଂ ପି.ଆର୍.ଓ. ସ୍ମୃତିରେଖା କର ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ସ୍ୱର୍ଣ୍ଣ ସୋସିଆଲ ଫାଉଣ୍ଡେସନ୍‌ର ମ୍ୟାନେଜର ଆଦିତ୍ୟ ପଟ୍ଟନାୟକ ଓ ତାଙ୍କ ଟିମ୍ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଥିଲେ ଯେ, ଏହି ଯୋଜନା ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ, ମହିଳାଙ୍କ ସମ୍ମାନ ବୃଦ୍ଧି, ଶିକ୍ଷାର ପ୍ରୋତ୍ସାହନ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଓଡ଼ିଶା ସରକାରଙ୍କ ଏକ ବଳିଷ୍ଠ ଓ ଦୂରଦର୍ଶୀ ପଦକ୍ଷେପ।



# ଇଣ୍ଟର କାଷ୍ଟ ମ୍ୟାରେଜ୍‌ରେ ବିବାହ ପ୍ରମାଣପତ୍ର ଯୋଗାଣରେ ଦୁର୍ନୀତି ଅଭିଯୋଗ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ରେ ବିବାହ ପ୍ରମାଣପତ୍ର ଯୋଗାଇବାର ଦୁର୍ନୀତିର ଗୁମର ଖୋଲିବାରେ ଲାଗିଛି। ଅଧିକାରୀ ଜଣଙ୍କ ଏଠାରୁ ବଦଳି ହୋଇ ଅନ୍ୟତ୍ର ଯାଇଥିବା ବେଳେ କିପରି ନିଜ କ୍ଷମତାର ଅପବ୍ୟବହାର କରି ମାତ୍ର ୫ ଦିନରେ ୩୩୪ଟି ବିବାହର ପ୍ରମାଣପତ୍ର ଇସ୍ୟୁ କରିଛନ୍ତି ତାହାର ନଗ୍ନ ଉଦାହରଣ ସମସ୍ତଙ୍କ ମନରେ ଏକ ବିସ୍ମୟ ସୃଷ୍ଟି କରିଛି। ପ୍ରକାଶଥାଉକି ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରିଛନ୍ତି। ଉପଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ଜିଲ୍ଲା ପଞ୍ଚାୟତରାଜ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଜିଲ୍ଲାପାଳଙ୍କୁ ଦେଇଥିବା ଚିଠିରେ ଦର୍ଶାଇଛନ୍ତି ଯେ ଜଳେଶ୍ୱର ବ୍ଲକ୍‌ରେ (ବିଏସ୍‌ଏସ୍) ଭାବେ କାର୍ଯ୍ୟରତ ଥିବା ସଲିମା ରାଉତ ଏଠାରୁ ୨୦୨୫ ମସିହା ନଭେମ୍ବର ମାସ ୧୦ ତାରିଖରେ ବଦଳି ହୋଇଯାଇଛନ୍ତି। ଏହି ବିବାହ ପ୍ରମାଣପତ୍ର ବିଭିନ୍ନ ସ୍ଥାନରୁ ଆଣିବା ପାଇଁ କିଛି ଦଲାଲଙ୍କୁ ହାତବାରିସୀ କରି ସଂଗ୍ରହ କରୁଥିଲେ। ଦଲାଲମାନେ ବହୁ ଚତୁରତାର ସହିତ ସେମାନଙ୍କ ଆଧାର କାର୍ଡ ପାନ୍ କାର୍ଡ ନେଇ ବ୍ୟାଙ୍କରେ ଖାତା ଖୋଲିଥାନ୍ତି। କିନ୍ତୁ ବଦଳି ପରେ ବି ଅନଧିକୃତ ଭାବେ ଶ୍ରୀମତୀ ରାଉତ ୧୭.୧୧.୨୫ ତାରିଖରୁ ୨୧.୧୧.୨୫ ତାରିଖ ମଧ୍ୟରେ ୩୩୪ଟି ବିବାହ ପ୍ରମାଣପତ୍ର ଜାରି କରିଛନ୍ତି। ସବୁଠାରୁ ବଡ଼ କଥା ଯେଉଁ ୩୩୪ଟି ବିବାହ ପ୍ରମାଣପତ୍ର ଜାରି କରିଛନ୍ତି ତା'ଭିତରେ ଜଳେଶ୍ୱର କ୍ଷେତ୍ରାଧିକାର ଅଧୀନରେ ଆସୁନଥିବା ବାଲିଆପାଳ ଭୋଗରାଇ, ବସ୍ତା, ନୀଳଗିରି, ଜଳେଶ୍ୱର ପୌରପାଳିକା ବାଲେଶ୍ୱର ସଦର ଆଦି ବ୍ଲକର ବିବାହ ପ୍ରମାଣପତ୍ର ମଧ୍ୟ ଜାରି କରାଯାଇଛି। ଜଣେ ସରକାରୀ ଅଧିକାରୀ ଯଦି ଗୋଟିଏ କର୍ମକ୍ଷେତ୍ରରୁ ରିଲିଭ୍ ହୋଇ ଅନ୍ୟତ୍ର ବଦଳି ହୋଇଥାନ୍ତି ତେବେ ବିବାହ ପ୍ରମାଣପତ୍ର ପ୍ରଦାନ କରିବା କିମ୍ବା ବ୍ଲକର କୌଣସି ସରକାରୀ କାର୍ଯ୍ୟ ସମ୍ପାଦନ କରିବାର କ୍ଷମତା ତାଙ୍କର ରହେନାହିଁ। କିନ୍ତୁ ଶ୍ରୀମତୀ ରାଉତ ସରକାରୀ ପଦବୀର ଘୋର ଅପବ୍ୟବହାର ଓ ସେବା ଆଚରଣ ନିୟମ ଉଲ୍ଲଂଘନ କରିଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ସେ ପ୍ରଦାନ କରିଥିବା ୩୩୪ଟି ପ୍ରମାଣପତ୍ରର ବୈଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଏବେ ବିଡିଓ ସେହିପରି ଶ୍ରୀମତୀ ରାଉତ ଜଳେଶ୍ୱରରେ କାର୍ଯ୍ୟ କରିବା ସମୟରେ ଜିପିଡିଓ ଦାୟିତ୍ୱରେ ମଧ୍ୟ ଥିଲେ। ଏହି ସମୟରେ ବିଏଲ୍‌ଓଙ୍କ ପାରିଶ୍ରମିକ ବାବଦରେ ୫୬ ହଜାର ଟଙ୍କା ଭୁଲ୍‌ବଶତଃ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ତାଙ୍କୁ ୩ ଥର ରିମାଇଣ୍ଡର ଜାରି କରାଯାଇଥିଲା। କିନ୍ତୁ ସେ ଆଜି ପର୍ଯ୍ୟନ୍ତ କୌଣସି ଉତ୍ତର ଦେଇନାହାଁନ୍ତି। ଏହି ସମସ୍ୟା ପାଇଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଚାଲୁଥିବା ଏସ୍‌ଆଇଆର୍ କାମରେ ବାଧା ସୃଷ୍ଟି ହେଉଛି ବୋଲି ବିଡିଓ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ଶ୍ରୀମତୀ ରାଉତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ବିଡିଓ ତେବେ ଜଣେ ଅଧିକାରୀ ମାତ୍ର ୫ ଦିନରେ କାହିଁକି ୩୩୪ଟି ବିବାହ ପ୍ରମାଣପତ୍ର ଜାରି କଲେ ଓ ଏହା ପଛରେ ଅଧିକାରୀଙ୍କ ଲମ୍ବା ହାତ ରହିଥିବାର କହି ବୁଲନ୍ତି। ଏବାବଦରେ ଉଚ୍ଚ କର୍ତ୍ତୃପକ୍ଷ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେବା ସହିତ ପ୍ରଶ୍ନବାଚି ସୃଷ୍ଟି ହୋଉଛି।

# ଅବ୍ୟବସ୍ଥାରେ ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର:ରୋଗୀ ସେବା ବ୍ୟାହତ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଛୁଟିରେ ରହିଥିବା ବେଳେ ଆୟୁଷ ଡାକ୍ତର ମଧ୍ୟ ଅନୁପସ୍ଥିତ ରହିଛନ୍ତି। ସେପଟେ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ସିଏଚ୍‌ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଦେଖୁଛନ୍ତି। ଏହି ସିଏଚ୍‌ଓଙ୍କ କାର୍ଯ୍ୟ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଯାଞ୍ଚ କରିବା ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ ହେତୁ ଏହି ସିଏଚ୍‌ଓଙ୍କ ଭରସାରେ ଅଞ୍ଚଳବାସୀ। ଗୁରୁତର ରୋଗ ହେଉ କିମ୍ବା ଚିକିତ୍ସା ପାଇଁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଆସୁଅଛି। ମହିଧରପଡ଼ାରେ ଡାକ୍ତର ଅଭାବ ହେତୁ ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କୁ ସପ୍ତାହକୁ ଦୁଇ ଦିନ ଡେପୁଟେଶନ୍‌ରେ ପଠାଇ ଦିଆଯାଉଛି। ଫଳରେ ଏଠାରେ ଅନେକ ରୋଗୀ ହନ୍ତସନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟସେବା ନପାଇପାରି ରୋଗୀ ଫେରିଯାଉଥିବା ଦେଖିବାକୁ ମିଳିଛି। ବାରଙ୍ଗ ଅଞ୍ଚଳରେ ଅନେକ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, କଳକାରଖାନା ଆଦି ରହିଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହଜାର ହଜାର ଲୋକେ ନିର୍ଭର କରିଥାନ୍ତି। ବାରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କୁ ଏଠାରେ ସ୍ଥାୟୀ ଭାବେ କାର୍ଯ୍ୟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ସଠିକ୍ ଭାବେ ପାଇପାରିବେ।



## ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୩ ଦିନ ବିଦ୍ୟାଳୟ ଛୁଟି ଘୋଷଣା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହେବ। ତେବେ, ପୂର୍ବରୁ ନିର୍ଦ୍ଧାରିତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ନିୟମିତ ଭାବେ ଅନୁଷ୍ଠିତ ହେବ। ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁ ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଜିଲ୍ଲାପାଳ ମଧ୍ୟ ସୂଚନା ଦେଇଛନ୍ତି।

## ବାଙ୍କୀ ପ୍ରଗତି ପରିଷଦର ସାଂଗଠନିକ ବୈଠକ

**ବାଙ୍କୀ, ନ୍ୟୁଜ୍ ବ୍ୟୁରୋ**

ବାଙ୍କୀ ପ୍ରଗତି ପରିଷଦର ଏକ ସାଂଗଠନିକ ବୈଠକ ଭୁବନେଶ୍ୱର ଡେଲ୍‌ଟା ଛକ, ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପରିଷଦର ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ଅଧିଷ୍ଠିତ ଠାକୁରାଣୀ ମା' ଚର୍ଚ୍ଚିକେୟୀଙ୍କୁ ପ୍ରାର୍ଥନା କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସାଧାରଣ ସମ୍ପାଦକ ନିମେଇଁ ଚରଣ ଦାଶ ଗତ ବୈଠକର ବିବରଣୀ ପାଠ କରିବା ସହ ପରିଷଦର ଆଗାମୀ ସାଧାରଣ ଅଧିବେଶନ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ବାଙ୍କୀର ବିଭିନ୍ନ ସମସ୍ୟା ଉପରେ ପୂର୍ବରୁ ଦିଆଯାଇଥିବା ଦାବିପତ୍ର ସରକାରଙ୍କ ବିଭିନ୍ନ ବିଭାଗରେ ତର୍ଜମା ହେଉଥିବା ସଭାପତି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ପରିଷଦର ସାଧାରଣ ଅଧିବେଶନ ୨୬.୦୬.୨୦୨୬ ତାରିଖରେ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସାଧାରଣ ଅଧିବେଶନରେ ପରିଷଦର ମୁଖପତ୍ର 'ରେଣୁକା'ର ୫ମ ସଂସ୍କରଣ ପ୍ରକାଶ କରିବାକୁ ସ୍ଥିର ହୋଇ ସହ ସମ୍ପାଦକ ଲକ୍ଷ୍ମଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ପରିଷଦର ଉପସଭାପତି ଚୌଧୁରୀ ସରୋଜ ମହାପାତ୍ର, ସହ ସମ୍ପାଦକ ଲକ୍ଷ୍ମଣ ମନ୍ତ୍ରୀ ସହ କୋଷାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ବରିଷ୍ଠ ସଭ୍ୟ ଡ. ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଜୟଦେବ ସାମନ୍ତରାୟ, ନରେଶ ସ୍ୱାଇଁ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡଃ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ଲାଇନ୍ କଡ଼ରୁ ଯୁବକର ମୃତ ଦେହ ଉଦ୍ଧାର:ମୃତ୍ୟୁର କାରଣ ଅସ୍ପଷ୍ଟ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ରୋଡ ରେଲୱେ ଷ୍ଟେସନ୍ ନିକଟସ୍ଥ ପନାସିଆ ଗ୍ରାମ ରେଲୱେ ଲାଇନ୍ କଡ଼ରୁ ଏକ ଅଚିହ୍ନ ଯୁବକର ମୃତଦେହ ଉଦ୍ଧାର କରିଛି ଯାଜପୁର ରୋଡ ରେଲୱେ ପୋଲିସ । ଯୁବକର ପରିଚୟ ଓ ମୃତ୍ୟୁ କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଯାଜପୁର ରୋଡ ରେଲୱେ ଷ୍ଟେସନ୍ ସ୍ଥିତ ପନାସିଆ ଗ୍ରାମ ନିକଟ ରେଲୱେ ରେଳ ଲାଇନ୍ କଡରୁ ଭୋର୍ ୫ଟା ସମୟରେ ଏକ ଯୁବକରର ମୃତ ଦେହ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତେବେ ସ୍ଥାନୀୟ ଲୋକେ ତୁରନ୍ତ ଯାଜପୁର କେନ୍ଦୁଝର ରୋଡ଼ ରେଲୱେ ପୋଲିସକୁ ସୂଚନା ଦେଇଥିଲେ । ଯାଜପୁର ରୋଡ଼ ରେଳବାଇ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ତେବେ ମୃତ ଯୁବକର ଆଗ ମୁଣ୍ଡ ମଥାରେ ମାଡ ହୋଇ ରକ୍ତ ସ୍ରାବ ହେବାର ଦେଖାଯାଇଛି। ରେଳଲାଇନ୍ କଡରେ ପଡିଥିବା ଏକ ସ୍ଲାବ୍ ଉପରେ ମୃତ ଦେହ ଉଲଗ୍ନ ଅବସ୍ଥାରେ ପଡି ମୁଣ୍ଡ ତଳକୁ ଝୁଲି ରହିଥିଲା । ଯୁବକର ବୟସ ଅନୁମାନିକ ୪୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଅନୁମାନ କରାଯାଇଛି । ତେବେ ଯୁବକଙ୍କର କୌଣସି ପରିଚୟ ମିଳିନଥିବା ବେଳେ ମୃତ ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି କି କିଏ ହତ୍ୟା କରି ମୃତ ଦେହକୁ ଫୋପାଡ଼ି ଚାଲିଯାଇଛି ଏନେଇ ପୋଲିସ କେସ୍ ନଂ ୨୮/ ୨୨,୪,୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ଯାଜପୁର ରୋଡ଼ ରେଳବାଇ ପୋଲିସ ।

## ////////////////// କେନ୍ଦ୍ରାପଡ଼ାରେ ବିରାଟ ଚାଷୀ ସମାବେଶ //////////////////

# ଜଳବାୟୁ ପରିବର୍ତ୍ତନକୁ ଭିତ୍ତି କରି କୃଷି କାର୍ଯ୍ୟ ହେବା ଉଚିତ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




ଜୟବାୟୁ ପରିବର୍ତ୍ତନ ପାଇଁ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏହାଦ୍ୱାରା ଚାଷୀମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଆମକୁ ଜଳବାୟୁ ପରିବର୍ତ୍ତନକୁ ଭିତ୍ତିକରି ଚାଷ କାର୍ଯ୍ୟ କରିବାକୁ ପଡିବ । ଏହା ନହେଲେ ଆମେ କୃଷିରେ ବିଶେଷ ଉନ୍ନତି କରିପାରିବାନାହିଁ ବୋଲି ପୂର୍ବତନ କୃଷିମନ୍ତ୍ରୀ ଅମର ପ୍ରସାଦ ଶତପଥି ମତବ୍ୟକ୍ତ କରିଛନ୍ତି । କୃଷକ ବିକାଶ ସମବାୟ ସମିତି ପକ୍ଷରୁ କେନ୍ଦ୍ରାପଡ଼ା ସଂସ୍କୃତି ଭବନରେ ଆୟୋଜିତ ବିରାଟ ଚାଷୀ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଶତପଥି କହିଲେ ଆମ ଦେଶରୁ ଇଟାଲୀ ଓ ଜର୍ମାନୀକୁ ଆମ୍ବ ରପ୍ତାନୀ ହେଉଛି । ଏହାଦ୍ୱାରା ଆମ ଚାଷୀମାନେ ଲାଭବାନ ହେଉଛନ୍ତି । କିନ୍ତୁ ଜଳବାୟୁ ପରିବର୍ତ୍ତନ କୃଷକଙ୍କ ମେରୁଦଣ୍ଡକୁ ଦୁର୍ବଳ କରିଦେଉଛି । ତେଣୁ ଜଳବାୟୁ ପରିବର୍ତ୍ତନକୁ ଆଧାର କରି ଚାଷ କାର୍ଯ୍ୟ ହେବା ଉଚିତ୍ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସୁଦର୍ଶନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଦେଶ ସ୍ୱାଧୀନତା ହେବା ବେଳେ ଭାରତର ଜନସଂଖ୍ୟା ୩୦ କୋଟି ଥିଲା । ସେ ସମୟରେ ଆମେ ଖାଦ୍ୟାଭାବର ଶିକାର ହୋଇଥିଲୁ । ଆମେରିକାରେ ଯେଉଁ ଗହମକୁ ଲୋକେ ଖାଉନଥିଲେ ଆମ ସରକାର ସେହି ଗହମ ଆଣି ଆମକୁ ଖାଇବାକୁ ଦେଉଥିଲେ । ହେଲେ ଏବେ ଦେଶର ଜନସଂଖ୍ୟା ୧୪୦ କୋଟିରେ ପହଞ୍ଚିଲାଣି । କିନ୍ତୁ ଆମେ ଚାଷ କାର୍ଯ୍ୟରେ ବହୁ ଉର୍ଦ୍ଧ୍ୱକୁ ଯାଇ ବିଦେଶକୁ ଖାଦ୍ୟ ପଦାର୍ଥ ରପ୍ତାନୀ କରୁଛୁ । ଆମ ପୂର୍ବପୁରୁଷଙ୍କ ପାଖରେ କୃଷି ସମ୍ବନ୍ଧୀୟ ଯେଉଁ ଜ୍ଞାନ ଥିଲା ତାହା ଆଜି କୃଷି ବିଜ୍ଞାନୀଙ୍କ ନିକଟରେ ନାହିଁ । ତେଣୁ ଆମେ ଚାଷ କାର୍ଯ୍ୟରେ ଏବେ ପଛୁଆ ଅଛୁ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇସିଏଆର୍‌ସିଆଇଡବ୍ଲ୍ୟୁର ମୁଖ୍ୟ ବୈଜ୍ଞାନିକ ଓ ବିଭାଗୀୟ ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡା ଯୋଗଦେଇ କହିଲେ ଚାଷୀମାନେ ହେଉଛନ୍ତି ଅନ୍ନଦାତା । ସାରା ଭାରତକୁ ସେମାନେ ଖାଦ୍ୟ ଯୋଗାଉଛନ୍ତି । କୃଷିକ୍ଷେତ୍ରରେ ମହିଳାମାନେ ସମସ୍ୟାରେ ପଡୁଛନ୍ତି । କାରଣ ସେମାନଙ୍କ ନିକଟରେ ଜମିଗତ ଅଧିକାର ନାହିଁ । ତେଣୁ ଆମ ସରକାର ଏହାକୁ ହୃଦୟଙ୍ଗମ କରି ଏହାର ପ୍ରତିକାର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ମହିଳା ସଶକ୍ତିକରଣ ଦିଗରେ କାର୍ଯ୍ୟ କରୁଛି । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଯୋଗଦେଇ କହିଲେ ଓଡ଼ିଶାର ଚାଷୀମାନେ କେବଳ ପେଟ ଭରିବା ପାଇଁ ଚାଷ କାର୍ଯ୍ୟ କରୁଛନ୍ତି । ବ୍ୟବସାୟକୁ ଆଧାର କରି ଆମେ ଚାଷ କାର୍ଯ୍ୟ କରୁନାହୁଁ । ତେଣୁ ଚାଷ କାର୍ଯ୍ୟ କରି ଓଡ଼ିଶାର ଚାଷୀମାନେ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରୁନାହାଁନ୍ତି । ତେଣୁ ଆମ ପିଲାମାନେ ଚାଷ କାର୍ଯ୍ୟ କରିବା ପାଇଁ ଭଲ ପାଉନାହାଁନ୍ତି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା କୃଷି ଅଧିକାରୀ ହେମନ୍ତ ସାମଲ କହିଲେ ଏବେ ରାସାୟନିକ ସାରକୁ କୃଷିକ୍ଷେତ୍ରରେ କମ କରିବା ପାଇଁ ୩୦ ପ୍ରତିଶତ ଜୈବିକ ସାର ବ୍ୟବହାର କରିବା ପାଇଁ ଚାଷୀମାନଙ୍କୁ କୁହାଯାଉଛି । ଜୈବିକ ଚାଷ କରିବା ଦ୍ୱାରା କୃଷିକ୍ଷେତ୍ରର ଉର୍ବରତା ବଜାୟ ରହିବ ବୋଲି ସେ କହିଥିଲେ। ସମବାୟ ସମିତିର ସଭାପତି ବିଶିଷ୍ଟ ଚାଷୀ ନେତା ତଥା ସମବାୟବିତ ପ୍ରମୋଦ କୁମାର ସାହୁ ଅଧ୍ୟକ୍ଷତା କରି କହିଲେ ରାଜ୍ୟରେ ଯେପରି ଓମ୍‌ଫେଡ, ଓପଲ୍‌ଫେଡ ହୋଇଛି ସେହିଭଳି ଭାବେ ଭେଜ ଫେଡ୍ କରାଯାଉ । ଏହାଦ୍ୱାରା ଚାଷ କାର୍ଯ୍ୟ କରିବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରିବେ । ଫଳରେ ରାଜ୍ୟରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇବ । କୃଷିକ୍ଷେତ୍ର ପାଇଁ ପ୍ରଣୟନ ହେଉଥିବା ଯୋଜନାଗୁଡ଼ିକ ଏସି ରୁମ୍‌ରେ ସ୍ଥିର କରାନଯାଇ ତୃଣମୂଳ ସ୍ତରରୁ ଚାଷୀ ଓ ଚାଷୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଂଗଠନଗୁଡିକ ସହିତ ସମନ୍ୱୟ ରକ୍ଷା କରି ଯୋଜନା ପ୍ରଣୟନ କଲେ ହିତାଧିକାରୀମାନେ ସୁଫଳ ପାଇପାରିବେ । ଏହି କାର୍ଯ୍ୟକ୍ରମରେ ସମିତିର ଉପସଭାନେତ୍ରୀ ପାର୍ବତୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମନୋଜ ସାହୁ ବାର୍ଷିକ ବିବରଣି ପାଠ କରିଥିଲେ । ଏହି ଅବସରରେ ଚାଷ କାର୍ଯ୍ୟରେ ଉତ୍କର୍ଷତା ଲାଭ କରିଥିବା ବିଭିନ୍ନ ବର୍ଗର ଚାଷୀ ଓ ସମବାୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସମବାୟବିତ ଓ ସଂଗଠନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ନିର୍ଦ୍ଦେଶକ ଅଭୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାବେଶରେ ଅବିଭକ୍ତ କଟକ ଜିଲ୍ଲାର ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୨ ଶୁ / ମୀଚନ୍ଦ୍ର | ଲର | କୁମଶ୧୨ / ରା୧୧ |
| ୪ | ୬ / ୩ | ୧୦ |
| ୫କେ / ୬ | ୭ | ୯ / ୮ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୦୪।୨୦୨୬, ବୈଶାଖ ଦି୧୦ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୦୬ ଚନ୍ଦ୍ରୋଦୟ- ଦିଘ ୧୦।୪୦।୩୧**

ସପ୍ତମୀ ରାଘ ୮।୫୧ ପର୍ଯ୍ୟନ୍ତ । ପୁନର୍ବସୁ ନକ୍ଷତ୍ର ରାଘ ୮।୫୯ ପର୍ଯ୍ୟନ୍ତ, **ମିଥୁନ ଚନ୍ଦ୍ର-** ଦିଘ ୩।୧୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୩।୧୫ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । ଦିଘ ୩।୧୫ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୮।୫୧ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଦିଘ ୭।୦୯ ମଧ୍ୟେ । ଦିଘ ୧୦।୩୦ ଗତେ ଦିଘ ୧।୦୩ ମଧ୍ୟେ ।


**ମେଷ:** ଶାରୀରିକ ପୀଡ଼ା ଉପୁଜିପାରେ। ଶତ୍ରୁ ଆପଣଙ୍କୁ ପରାସ୍ତ କରିବେ। ଯାନବାହାନ କ୍ରୟ କରିବେ। ଅର୍ଥ ଲାଭ ହେବ। ବ୍ୟବସାୟରେ ଲାଭ କମ୍ ହେବ। ପାରିବାରିକ ସୁଖ ଶାନ୍ତି ଲାଭ କରିବେ ।


**ବୃଷ:** ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହେବେ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ସତ କଥା କହି ବିବାଦରେ ପଡ଼ିବେ। ରୋଜଗାରରେ ଉନ୍ନତି ହେବ। ଗୃହରେ ଆନନ୍ଦ ଲାଭ ।


**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ମାନସିକ ସ୍ଥିତି ଭଲ ରହିବନାହିଁ। ସୁଖ ଓ ନିରାମୟ ଜୀବନଯାପନ କରିବେ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ସୁଖୀ ହେବାର ସୂଚନା ।


**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ। ଯାନବାହାନ ଠାରୁ ସତର୍କ ରହିବେ। ଧର୍ମ କାର୍ଯ୍ୟ କରିବା ପାଇଁ ମନ କରିବେ। ପରାକ୍ରମଶାଳୀ ହେବେ। ବିଳାସ ସାମଗ୍ରୀ ପାଇବାର ସୂଚନା ମଧ୍ୟ ।


**ସିଂହ:** ଧୈର୍ଯ୍ୟର ସହ କାମ କରିବେ। ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ରୋଜଗାରର ପରିମାଣ ବଢ଼ିବ। ଶତ୍ରୁଙ୍କ ଠାରୁ ଦୂରେଇ ରହିବେ। ବ୍ୟବସାୟରେ ସୁଯୋଗ ହାତଛଡ଼ା ହେବ ।


**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦଦାୟକ ନୁହେଁ । ଅଯଥାରେ ପରିଶ୍ରମର ମାତ୍ରା ବଢ଼ିବ। ଅପରିଚିତ ବ୍ୟକ୍ତିଙ୍କ ପାଇଁ ହଇରାଣରେ ପଡ଼ିପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।


**ତୁଳା:** ସତ୍ ମାର୍ଗରେ ପରିଚାଳିତ ହେବେ। ପୁଣ୍ୟ କାର୍ଯ୍ୟ କରିବେ। ଜନପ୍ରିୟତା ହାସଲ ହେବ। ବ୍ୟବସାୟରେ ମାନମନାନ୍ତର ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଅବ୍ୟାହତ ରହିବ ।


**ବିଛା:** କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ। ଖର୍ଚ୍ଚର ପରିମାଣ ଢେର ବଢ଼ିବ। ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ। ମହିଳାମାନେ ସୁଖୀ ହେବେ। ମନ ଅସ୍ଥିର ରହିବ ।


**ଧନୁ:** ଆପଣଙ୍କର ଅନିଷ୍ଟ କଥା ଚିନ୍ତା କରୁଥିବା ଲୋକ ହାର୍ ମାନିବେ। ଶତ୍ରୁ ହାନୀ କରି କର୍ମ ପଥରେ ଆଗେଇ ଚାଲିବେ। ପାରିବାରିକ ଶାନ୍ତି ଲାଭ ହେବ। ପ୍ରତ୍ୟୁଷର ଯାତ୍ରା ସଫଳ ହେବ। ଦେହ ଭଲ ରହିବ ।


**ମକର:** ସତ୍ ପଥରେ ଚାଲିବେ। ଦୟାଳୁ ହେବେ। ଲୋକପ୍ରିୟତା ବଢ଼ିବ। କର୍ମକ୍ଷେତ୍ରରେ ଆଶାବାଦୀ ହେବେ। ପାରିବାରିକ ସମସ୍ୟାର ସମାଧାନ ହେବ। ବ୍ୟୟର ପରିମାଣ ବଢ଼ିବାର ସୂଚନା ।


**କୁମ୍ଭ:** ଆନନ୍ଦ ଉଲ୍ଲାସରେ ଦିନଟି କଟିବ। ବ୍ୟବସାୟରେ ଉନ୍ନତି ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଉଚ୍ଚ ସ୍ତରରେ ସମ୍ପର୍କ ବଢ଼ିବାର ସୂଚନା। ମନ ଭଲ ରହିବ। ବନ୍ଧୁ ଦର୍ଶନ ।


**ମୀନ:** ଦୂରକୁ ଯାତ୍ରା କରିବେ। ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ସଫଳତା ମିଳିବ। ରୋଜଗାରରେ ଅଗ୍ରଗତି। ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ। ମହିଳାମାନେ ସୁଖୀ ହେବେ ।

## ରବି ଧାନ ନଷ୍ଟ କଲେ ହାତୀ ପଲ:ଚିନ୍ତାରେ ଚାଷୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମପଞ୍ଚାୟତ ଗୁଡ଼ିଆଲୀ ଗ୍ରାମରେ ବଣୁଆ ହାତୀ ପଲ ଆସି ଚାଷୀମାନଙ୍କ ରବି ଧାନ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି । ବିଳମ୍ବିତ ରାତିରେ ହାତୀମାନେ ବୀରମହାରାଜପୁର ବନାଞ୍ଚଳରୁ ମହାନଦୀ ପାର ହୋଇ ଆସି ଗୁଡ଼ିଆଲି ଗ୍ରାମକୁ ଆସି ଧାନ ଫସଲ ଖାଇବା ସହ ମାଡ଼ି ଦଳି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ସନ୍ତୋଷ ଗିରି, ବିକ୍ରମ ନାୟକ, କେଶବ ବେହେରା ଯାଦବ ମଲ୍ଲିକ, ଚିତ୍ତରଞ୍ଜନ ପ୍ରଧାନ, କମ୍ଭୁ ନାଏକଙ୍କ ପ୍ରାୟ ୫ ଏକର ଜମିର ଧାନ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି । ନିୟମିତ ଆଖ ପାଖ ଅଞ୍ଚଳରେ ହାତୀଙ୍କ ଦ୍ୱାରା ଫସଲ ନଷ୍ଟ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି । ଏ ସମ୍ପର୍କରେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୪।୨୦୨୬, ବୈଶାଖ ଦି୧୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୨୩ ଚନ୍ଦ୍ରୋଦୟ- ଦିଘ ୧୧।୪୩।୫୦**

ଅଷ୍ଟମୀ ସଂଘ ୭।୨୫ ପର୍ଯ୍ୟନ୍ତ । ପୁଷ୍ୟା ନକ୍ଷତ୍ର ରାଘ ୮।୧୭ ପର୍ଯ୍ୟନ୍ତ, **କର୍କଟ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ସଂଘ ୭।୨୫ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଦିଘ ୬।୧୮ ମଧ୍ୟେ । ଦିଘ ୧୨।୧୧ ଗତେ ଦିଘ ୨।୪୩ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟାଷ୍ଟମୀ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜିପିଡିପି ପ୍ରସ୍ତୁତିରେ ଡେରି

ଆଉ ଛଅ ମାସ ପରେ ପଞ୍ଚାୟତ ନିର୍ବାଚନ ବିଗୁଲ୍ ବାଜିବ । ନୂଆ ସରକାର ପ୍ରଥମଥର ପାଇଁ ପଞ୍ଚାୟତ ନିର୍ବାଚନକୁ ସାମ୍ନା କରିବେ । କିନ୍ତୁ ପଞ୍ଚାୟତକୁ ନେଇ ପ୍ରଶାସନିକ ସ୍ତରରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ଅର୍ଥ କିଭଳି ଖର୍ଚ୍ଚ ହେବ, ଏବେଯାଏ ତାର ଗାଇଡଲାଇନ୍ ପ୍ରସ୍ତୁତ ହୋଇନି । ପଞ୍ଚାୟତିରାଜ ବିଭାଗ ଗାଇଡଲାଇନ୍ ଦେଉନଥିବାରୁ ପଞ୍ଚାୟତରେ ଜିପିଡିପି(ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା) ତିଆରି ହୋଇପାରୁନି । ଆଗକୁ ଗାଁ ବିକାଶ ପାଇଁ ପାଣ୍ଠି ମିଳିବା ଓ ଏହାକୁ ଖର୍ଚ୍ଚ କରିବାରେ ଗୁରୁତର ସଙ୍କଟ ସୃଷ୍ଟି ହେବ । ୨୦୨୭ ଜାନୁୟାରୀରେ ରାଜ୍ୟରେ ପଞ୍ଚାୟତର କାର୍ଯ୍ୟକାଳ ସରିବ । କାର୍ଯ୍ୟକାଳ ସରିବା ଆଗରୁ ଅକ୍ଟୋବର ବା ନଭେମ୍ବର ମାସରେ ସରକାର ନିର୍ବାଚନ ପ୍ରକ୍ରିୟାକୁ ଯିବେ । ସେହି ହିସାବ ଧରିଲେ ନିର୍ବାଚନ ପାଇଁ ଆଉ ମାତ୍ର ୬ ମାସ ରହିଲା । କିନ୍ତୁ ଏବେଯାଏ ପଞ୍ଚାୟତର ଜିପିଡିପି(ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା) ତିଆରି ହେଲାନି । ଜିପିଡିପି ତିଆରି ହୋଇ କେନ୍ଦ୍ର ପାଖରେ ଦାଖଲ ହେଲା ପରେ ପଞ୍ଚାୟତକୁ ପାଣ୍ଠି ମିଳେ । ଯଦି ମେ ମାସ ସୁଦ୍ଧା ଜିପିଡିପି ତିଆରି ହେବ, ତେବେ ୪ମାସ ପରେ ବା ସେପ୍ଟେମ୍ବର ମାସରେ ପାଣ୍ଠି ମିଳିବ । କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନରୁ ପାଣ୍ଠି ଆସିନଥିବାରୁ ଗାଁରେ ଅଧିକାଂଶ ଉନ୍ନୟନ କାମ ଠପ୍ ହୋଇଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କାମ କରିବାକୁ ପଞ୍ଚାୟତ ପାଖରେ ଟଙ୍କାଟିଏ ପାଣ୍ଠି ନାହିଁ । ପୁଣି ଜାନୁୟାରୀରେ ପଞ୍ଚାୟତ କାର୍ଯ୍ୟକାଳ ସରୁଥିବାରୁ ଅକ୍ଟୋବର ବା ନଭେମ୍ବର ମାସରେ ନିର୍ବାଚନ ତାରିଖ ଘୋଷଣା ହୋଇ ଆଚରଣବିଧି ଲାଗୁ ହୋଇପାରେ । ଯଦି ଏହା ହେଲା ତେବେ ନିର୍ବାଚନ ପ୍ରକ୍ରିୟାରେ ଆଉ ୩ରୁ ୪ ମାସ ପଳାଇବ । ଅର୍ଥାତ୍ ଫେବୃଆରୀ ମାସ ଯାଏ ପଞ୍ଚାୟତକୁ ପାଣ୍ଠି ମିଳିବା ଆଶା କ୍ଷୀଣ । ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରତି ପଞ୍ଚାୟତକୁ କେତେ ଟଙ୍କାର ପାଣ୍ଠି ମିଳିବ, ସେ ନେଇ ଷୋଡ଼ଶ କେନ୍ଦ୍ର ଅର୍ଥ କମିଶନ ଓ ଷଷ୍ଠ ରାଜ୍ୟ ଅର୍ଥ କମିଶନ ସୁପାରିଶ କରି ସାରିଛନ୍ତି । ଲୋକସଂଖ୍ୟା ଆଧାରରେ ପ୍ରତି ପଞ୍ଚାୟତକୁ ପାଣ୍ଠି ମିଳେ । ଏବେ ଭିନ୍ନ ଭିନ୍ନ ଲୋକସଂଖ୍ୟା ବର୍ଗର ପଞ୍ଚାୟତକୁ କେଉଁ ହିସାବରେ ପାଣ୍ଠି ମିଳିବ? ପୁଣି ଯେଉଁ ପାଣ୍ଠି ମିଳିବ ତାକୁ କେଉଁ ଆଧାରରେ ଖର୍ଚ୍ଚ କରାଯିବ? ଅନୁଦାନର ଢାଞ୍ଚା କ'ଣ ରହିବ? ଟାଏଡ୍(ପରିମଳ ଓ ପାଣି) ପାଇଁ କେତେ ପ୍ରତିଶତ ଖର୍ଚ୍ଚ କରାଯିବ? ଅନଟାଏଡ୍( ରାସ୍ତା, ଡ୍ରେନ୍ ଓ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ) ପାଇଁ କେତେ ପ୍ରତିଶତ ଟଙ୍କା ଖର୍ଚ୍ଚ କରିହେବ? ପଞ୍ଚାୟତିରାଜ ବିଭାଗର ଗାଇଡଲାଇନ୍ ଆଧାରରେ ଏହି ସବୁ ଅନୁଦାନର ଢାଞ୍ଚା ଧାର୍ଯ୍ୟ ହୁଏ । ସେହି ଆଧାରରେ ପଞ୍ଚାୟତଗୁଡ଼ିକ ଜିପିଡିପି ତିଆରି କରନ୍ତି । ଇ ଗ୍ରାମ ସ୍ୱରାଜ ୱେବସାଇଟ୍‌ରେ ଏହା ଅପଲୋଡ୍ ହେଲା ପରେ ଏହାକୁ ଯାଞ୍ଚ କରି ଅର୍ଥ ମଞ୍ଜୁର କରାଯାଏ । ପଞ୍ଚାୟତିରାଜ ବିଭାଗ ଏବେସୁଦ୍ଧା ଏହି ଖର୍ଚ୍ଚ ଗାଇଡଲାଇନ୍ ତିଆରି କରି ପଞ୍ଚାୟତକୁ ପଠାଇ ନାହାନ୍ତି । ଏଥିପାଇଁ ପଞ୍ଚାୟତସ୍ତରରେ ଜିପିଡିପି ତିଆରି ହୋଇପାରୁନି । ପଞ୍ଚାୟତ କେନ୍ଦ୍ର ଓ ରାଜ୍ୟକୁ କେତେ ଟଙ୍କା ପାଇବେ ଓ କେଉଁ ବାବଦରେ ଏହାକୁ ଖର୍ଚ୍ଚ କରିବେ, ତାର ହିସାବ ସେମାନଙ୍କ ପାଖରେ ନାହିଁ । ଏଥିପାଇଁ ସମସ୍ତେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---



### ଅନାମ ମହିମା

ମମ ଆତ୍ମା ସର୍ବ ଭୂତାତ୍ମା
ତା' ହେଲେ ନାମ ନାହିଁକି
ଏତେ ଭିନ୍ନ ଭିନ୍ନ ମତବାଦ
କାହା ପାଇଁ
ଏତେ ପାଠ ପଢ଼ିବା, ଗବେଷଣା କରିବା
କାହା ପାଇଁ
ସ୍ତ୍ରୀ କହୁଛି ମୋର, ସ୍ୱାମୀ କହୁଛି ମୋର
ପୁଅ କହୁଛି ମୋର, ବାପା କହୁଛି ମୋର
ମା' କହୁଛି ମୋର, ଝିଅ କହୁଛି ମୋର
ଏ' ମୋର ପୁଣି କାହାର
ସବୁ ସେହି ଏକ ଆତ୍ମାର
ଯାହାକୁ କହୁଛି ମୋର
ସିଏ ତ ସାତପର
ସବୁ ମାୟା
ସବୁ ଘଣ୍ଟା ଚକଟା ସଂସାର
କିନ୍ତୁ ଆତ୍ମା
ନିରବ ଦ୍ରଷ୍ଟା
ସବୁ ଦେଖୁଛି, ସବୁ ସହୁଛି
କିନ୍ତୁ ଫଳ ଫଳିଲା ବେଳକୁ
ଭୂତଖିଆ
କଣ ନା କର୍ମଫଳ
ଭୋଗ କରିବାକୁ ପଡୁଛି
ଭଗବାନଙ୍କ ଉପରେ
ଦୋଷ ଲଦି
ନିଜ ଦୋଷକୁ ଘୋଡାଇ ରଖି
ଧର୍ମକୁ ଆଖିଠାର ମାରି
ସ୍ୱାର୍ଥକୁ ଭଗବାନଙ୍କ ବରଦାନ ଲାବି
ଏ ଜୀବ ଜଗତ
ନିଜ ଆଖିରେ ନିଜେ
ଅନ୍ଧ ପଟି ବାନ୍ଧି ବସିଛି ।
♦♦

# ଶିକ୍ଷାରେ ସଂରକ୍ଷଣ ବୃଦ୍ଧି: ଏକ ଆଲୋଚନା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ଓଡ଼ିଶାର ଶାସକ ନେତୃତ୍ୱ ସକ୍ରିୟ ଥିବା ପରି ମନେ ହେଉଛି । ଦୀର୍ଘବର୍ଷ ଧରି ଏହାକୁ ନେଇ ଯେଉଁସବୁ ଦାବୀ ହୋଇ ଆସୁଥିଲା, ସେଗୁଡିକ ଗୋଟିଏ ପରେ ଗୋଟିଏ ପୂରଣ ହେବାରେ ଲାଗିଛି । ଏ ଦିଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଆନ୍ତରିକତାକୁ ଏଡାଇ ଦିଆଯାଇ ପାରିବ ନାହିଁ । ନିକଟରେ ଏପ୍ରିଲ ୫, ୨୦୨୬ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦିତ ହୋଇଛି ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ସଂରକ୍ଷଣ ହାରକୁ ବଢାଯିବ ଓ ଏହା ଚଳିତ ଶିକ୍ଷାବର୍ଷଠାରୁ ଲାଗୁହେବ । ମୋହନବାବୁଙ୍କ ଏପରି ଅକାଟ୍ୟ ବାଣ ବିରୋଧୀଙ୍କୁ ଚକିତ କରିଛି । ସେମାନେ ଶାସନରେ ଥିବା ସମୟରେ ଯେଉଁ କାମ କରିପାରି ନଥିଲେ ତାହା ମୋହନବାବୁ ଅନାୟାସରେ କରି ଦେଖାଇଛନ୍ତି । ସେ ପ୍ରମାଣ କରି ଦେଖାଇଛନ୍ତି ଯେ ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ଥିଲେ ସବୁ ସମ୍ଭବପର । ସମାଜିକ ନ୍ୟାୟର ରଥ ଯାହା ରାଜ୍ୟରେ ଅଚଳ ଅବସ୍ଥାରେ ଥିଲା ତାକୁ ସେ ଗତିଶୀଳ କରିଛନ୍ତି । ତାଙ୍କ ସ୍ପର୍ଶରେ ଏହା ଆଗକୁ ଗଡ଼ିବା ଆରମ୍ଭ କରିଛି ।

ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠାରେ ସର୍ବାଧିକ ଅନଗ୍ରସର ବର୍ଗର ଲୋକ ବସବାସ କରନ୍ତି । ଶତାଂଶ ଦୃଷ୍ଟିରୁ ମିଳିତଭାବେ ଭାରତବର୍ଷର ସର୍ବାଧିକ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଓବିସିମାନେ ବସବାସ କରନ୍ତି । ଆଉ କେଉଁ ରାଜ୍ୟରେ ଏମାନେ ଏତେ ସଂଖ୍ୟାରେ ନାହାଁନ୍ତି । ଯେଉଁଥିରେ ଏସଟିଙ୍କ ସଂଖ୍ୟା ଶତକଡା ୨୨.୮୫ ଭାଗ ଓ ଏସସିଙ୍କ ସଂଖ୍ୟା ଶତକଡା ୧୭.୧୩ ଭାଗ ୨୦୧୧ ମସିହାର ଜନଗଣନା ଅନୁଯାୟୀ । ଏମାନଙ୍କ ସମୁଦାୟ ସଂଖ୍ୟା ଶତକଡା ୪୦ ଭାଗ । କୁହାଯାଉଛି ଏ ସଂଖ୍ୟା ଏବେ ଆହୁରି ବଢ଼ିଛି । ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସିଙ୍କ ସଂଖ୍ୟା ଶତକଡା ୫୪ ଭାଗ ୧୯୩୧ ମସିହା ଜନଗଣନା ଅନୁଯାୟୀ । ସମସ୍ତଙ୍କୁ ମିଶାଇଲେ ସମୁଦାୟ ସଂଖ୍ୟା ଶତକଡା ୯୪ ଭାଗ । ଏମାନେ ଏତେ ସଂଖ୍ୟାରେ ଥିଲେହେଁ ରାଜ୍ୟର ସମସ୍ତ କ୍ଷେତ୍ରରେ ନିଜର ସମାନୁପାତିକ ଅଧିକାର ହାସଲ କରିପାରି ନାହାଁନ୍ତି ।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି । ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆ ଯାଉଥିଲା, ଯଥାକ୍ରମେ ୮% ଓ ୧୨% । ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ସଂରକ୍ଷଣ ମିଳିବା କଥା ଥିଲା । ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ପୂର୍ବ ସରକାର ଘୋଷଣା କରିଥିଲେ । ଏବାବଦକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଫାଇଲ ଭିତରେ ବନ୍ଧା ହୋଇ ରହିଗଲା, କର୍ଯ୍ୟକାରୀ ହୋଇ ପାରିଲା ନାହିଁ । ରାଜ୍ୟରେ ଓବିସି/ଏସଇବିସିଙ୍କ ଅବସ୍ଥା ଆହୁରି ସଙ୍ଗୀନ । ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ ସଦୃଶ୍ୟ । ଏମାନଙ୍କୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫% । ଶିକ୍ଷା କ୍ଷେତ୍ରରେ ଏ ସୁବିଧା ପୂର୍ବ ରାଜ୍ୟ ସରକାର ଦେଇ ନଥିଲେ । ମଣ୍ଡଳ କମିଶନ ସୁପାରୀଶ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରି ଓ ଶିକ୍ଷା କ୍ଷେତ୍ରରେ ପାଇବା କଥା, ତାହା ଦେବାପାଇଁ ପୂର୍ବ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ନେଇ ନଥିଲେ । ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ ସଂରକ୍ଷଣ ୨୦୦୫ ରୁ ଲାଗୁ ହୋଇଛି ।

ରାଜ୍ୟରେ ମୋହନବାବୁଙ୍କ ସରକାର ଗଠିତ ହେବାପରେ ଏଦିଗରେ ଆଶାର ସଞ୍ଚାର ହୋଇଛି । ସମ୍ବିଧାନସମ୍ମତ ଭାବେ ଏହି ବର୍ଗର ଲୋକମାନଙ୍କୁ ବର୍ଦ୍ଧିତ ସଂରକ୍ଷଣ ସୁବିଧା ଦେବା ଦିଗରେ ପଦକ୍ଷେପ ନିଆ ଯାଉଛନ୍ତି । ପୂର୍ବରୁ ସେ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନ ପାଇଁ ଅନୁସୂଚୀତ ଜାତି ଓ ଜନଜାତିର ସଂରକ୍ଷଣ ହାରକୁ ୨୦% ରୁ ବଢ଼ାଇ ୩୮.୭୫% କରିଛନ୍ତି ଏବଂ ଏସଇବିସିଙ୍କ ପାଇଁ ସଂରକ୍ଷଣ ହାର ୧୧.୨୫% କରିଛନ୍ତି । ଆଗରୁ ଏସଇବିସିଙ୍କ ପାଇଁ ସାଧାରଣ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ନଥିଲା । ତେବେ ଏ ପ୍ରକାର ପରିବର୍ଦ୍ଧିତ ସଂରକ୍ଷଣ ଯଥେଷ୍ଟ ନୁହେଁ ବୋଲି ସାମାଜିକ ନ୍ୟାୟର ସମର୍ଥକ ବିଭିନ୍ନ ସଂଗଠନ ଓ ସଂଗଠକ ପ୍ରତିକ୍ରିୟା ପ୍ରକାଶ କରୁଥିଲେ । ଏପ୍ରକାର ବର୍ଦ୍ଧିତ ସଂରକ୍ଷଣ ସୁବିଧା ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ସମସ୍ତ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନରେ ପ୍ରଦାନ ପାଇଁ ଦାବୀକରି ଆସୁଥିଲେ ।

କିଛିଦିନ ତଳେ ଜାତୀୟ 'ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା' ବିଭାଗର ଯୋଜନା ପ୍ରଣୟନ କମିଟି ବୈଠକରେ ସର୍ବସମ୍ମତିଭାବେ ସୁପାରିଶ ହୋଇଥିଲା ସମସ୍ତ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ହାର ବୃଦ୍ଧିପାଇଁ । ଅର୍ଥାତ ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନରେ ବର୍ଦ୍ଧିତ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ । ସୁପାରିଶ ଅନୁଯାୟୀ ଅନୁସୂଚୀତ ଜାତିମାନଙ୍କ ସଂରକ୍ଷଣ ୮% ରୁ ବଢ଼ି ୧୬.୨୫% ଓ ଅନୁସୂଚିତ ଜନଜାତିମାନଙ୍କ ପାଇଁ ୧୨% ରୁ ବଢ଼ି ୨୨.୫%, ମୋଟ ୩୮.୭୫% କରାଯିବା ପାଇଁ । ସେହିପରି ଏସଇବିସିମାନଙ୍କୁ ମଧ୍ୟ ଏହି ଅନୁଷ୍ଠାନ ମାନଙ୍କରେ ୧୧.୨୫% ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ । ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷା ବର୍ଷରୁ ଏହାକୁ କର୍ଯ୍ୟକାରୀ କରିବା ପାଇଁ ମନସ୍ଥ କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଏବେ ଏହା ଉପରେ ମୋହର ଲଗାଇଛନ୍ତି । ମୋହନ ସରକାରଙ୍କ ଏପ୍ରକାର ପଦକ୍ଷେପକୁ ସମସ୍ତ ମହଲରୁ ସ୍ୱାଗତ କରାଯାଉଛି ।

ଏଦିଗରେ ଅନ୍ୟ ଏକ ପଦକ୍ଷେପ ତାଙ୍କ ନେତୃତ୍ୱକୁ ଆହୁରି ମଜଭୂତ କରିବ, ତାହା ହେଉଛି ରାଜ୍ୟରେ ଓବିସିଙ୍କ ସଂରକ୍ଷଣକୁ ୧୧.୨୫% ରୁ ବଢାଇ ମଣ୍ଡଳ କମିଶନ ସୁପାରିଶ ମୁତାବକ ୨୭% କରିବା । ଏ ବାବଦରେ ତାଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହେବ । ଓଡ଼ିଶାର ସ୍ୱତନ୍ତ୍ର ସାମାଜିକ ସ୍ଥିତି ଅନୁଯାୟୀ ଏ ବିଷୟ ସମ୍ବନ୍ଧିତ ଏକ ବିଧେୟକ ଓଡିଶା ବିଧାନସଭାରେ ପାରିତ କରି ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏହା ସହିତ ପୂର୍ବ ସରକାର ଅମଳରେ ସୁପ୍ରିମକୋର୍ଟରେ ଦାଏର୍ ହୋଇଥିବା ଓବିସି/ଏସଇବିସି ସମ୍ବନ୍ଧୀୟ କେଶର ଆନ୍ତରିକତାର ସହିତ ପରିଚାଳନା ଅତ୍ୟନ୍ତ ଜରୁରୀ । ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ତଥ୍ୟ ମାଗୁଛନ୍ତି ତାହାର ସଠିକ ଉପସ୍ଥାପନ ଓ ଏଦିଗରେ ଆନ୍ତରିକତା ପ୍ରଦର୍ଶନ ଉପାଦେୟ ପଦକ୍ଷେପ ହେବ । ଏକ ବଞ୍ଚିତ ସମାଜକୁ ନ୍ୟାୟ ପ୍ରଦାନ ପାଇଁ ଏହା ଆବଶ୍ୟକ । ଏହା ତାଙ୍କୁ ଏ ବିଶାଳ ସମୁଦାୟ ନିକଟରେ ଅଧିକ ପ୍ରିୟଭାଜନ କରାଇବ ।

ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ବର୍ଗରୁ ଆସିଛନ୍ତି । ସେ ଭଲଭାବେ ଜାଣିଛନ୍ତି ଯେ ବିକାଶର ଦୌଡରେ ପଛରେ ପଡ଼ିଥିବା ଆଦିବାସୀ, ଦଳିତ ଓ ପଛୁଆବର୍ଗର ଲୋକମାନେ ଚାକିରି ଓ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ ସୁବିଧା ନପାଇଲେ ଆଗକୁ ବଢିପାରିବେ ନାହିଁ । ଏହା ଏମାନଙ୍କୁ ସମାଜିକ ଓ ଆର୍ଥିକଭାବେ ସମୃଦ୍ଧ କରିବ । ଅଗ୍ରସର ସମାଜ ସହିତ ସମକକ୍ଷ ହେବାରେ ସହାୟକ ହେବ । ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ସମାଜର ତଳ ସ୍ତରର ଲୋକମାନଙ୍କ ବିକାଶ ଓ ଭାଗୀଦାରୀ ଅତ୍ୟନ୍ତ ଜରୁରୀ । ଏକ ବିଷମ ସମାଜ କଦାପି ଏକ ସଶକ୍ତ ରାଷ୍ଟ୍ର ଗଠନରେ ସହାୟକ ହେବ ନାହିଁ । ତେଣୁ ସମସ୍ତ ପ୍ରକାର ବିଷମତାକୁ ହଟାଇ ସମତାଭିତ୍ତିକ ସମାଜ ଗଠନର ପରିକଳ୍ପନା ତାଙ୍କ ମନରେ ରହିଛି । ସାମାଜିକ ନ୍ୟାୟକୁ ଭାଷଣରେ ନୁହେଁ କାମରେ କରି ଦେଖାଇବାର ଇଚ୍ଛା ତାଙ୍କ ମନରେ ରହିଛି । ଆଗକୁ ବି ଆହୁରି କିଛି କରିବାର ଅଭିପ୍ରାୟ ତାଙ୍କ ମନରେ ଥିବାର ସଂକେତ ସ୍ପଷ୍ଟ ବାରି ହେଉଛି । ଆଗକୁ ଦେଖିବାକୁ ହେବ ଯେ ଏ ଦିଗରେ ସେ ଆଉ କେଉଁ ପଦକ୍ଷେପ ନେଉଛନ୍ତି ।

ମୋହନବାବୁଙ୍କ ଏ ପଦକ୍ଷେପ ବିରୋଧୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ଯେଉଁମାନେ ସମାଜିକ ନ୍ୟାୟ ପ୍ରସଙ୍ଗକୁ ଅଣଦେଖା କରି ଆସୁଥିଲେ ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଯାହା ଅନ୍ୟ କୌଣସି ସରକାର କରିପାରି ନଥିଲେ, ତାହା ମୋହନ ସରକାର କରିଛନ୍ତି । ବିରୋଧୀଙ୍କ ଭୟ ଯେ ମୋହନବାବୁଙ୍କ ଏ ପଦକ୍ଷେପ ଯୋଗୁଁ ସେ କୋଟି କୋଟି ଦଳିତ ଓ ଆଦିବାସୀଙ୍କ ପ୍ରିୟଭାଜନ ହୋଇଯିବେ ନାହିଁ ତ ? ଏସଇବିସିଙ୍କ ମଧ୍ୟ ଅନୁଗ୍ରହ ଲାଭ କରିବେ ନାହିଁ ତ ? ଏପରି ହେଲେ ଆଗାମୀ ଓଡିଶା ରାଜନୀତି ଭିନ୍ନ ଧରଣର ହେବ । ତେବେ ଏହା ନିଶ୍ଚିତ ଯେ ସଂରକ୍ଷଣ ବୃଦ୍ଧି ଜନିତ ଗୋଟି ଓଡିଶା ରାଜନୀତିରେ ତାଙ୍କ ପରିଚୟକୁ ଆହୁରି ଶାଣିତ କରିବ । ସାମାଜିକ ପରିବର୍ତ୍ତନର ଜଣେ ଅଗ୍ରଣୀ ନେତାଭାବେ ସେ ନିଜର ପରିଚୟ ତିଆରି କରିପାରିବେ ।

# ବନ୍ଧୁତାର ମୂଲ୍ୟ ହେଉଛି ନିଃସ୍ୱାର୍ଥପର ସମର୍ପଣ, ବିଶ୍ୱାସ ଏବଂ ତ୍ୟାଗ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ବନ୍ଧୁତା ଯେକୌଣସି ବ୍ୟକ୍ତିଙ୍କ ଜୀବନରେ ଏକ ଅତ୍ୟନ୍ତ ମୂଲ୍ୟବାନ ସମ୍ପର୍କ । ବନ୍ଧୁତା କେବଳ ଏକାଠି ସମୟ ବିତାଇବା କିମ୍ବା ମଜା କରିବା ବିଷୟରେ ନୁହେଁ ଏହା ପ୍ରେମ, ବିଶ୍ୱାସ, ସହାନୁଭୂତି ଏବଂ ସମର୍ଥନ ଉପରେ ନିର୍ମିତ ଏକ ପବିତ୍ର ବନ୍ଧନ । ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ କେବଳ ସୁଖରେ ନୁହେଁ ବରଂ ଦୁଃଖରେ ମଧ୍ୟ ଆମ ସହିତ ଠିଆ ହୁଏ । ବନ୍ଧୁତାର ମୂଳ ଭିତ୍ତି ହେଉଛି ବିଶ୍ୱାସ ଏବଂ ସଚ୍ଚୋଟତା । ଯେଉଁଠାରେ ବିଶ୍ୱାସ ଥାଏ, ସମ୍ପର୍କ ଦୃଢ଼ ହୋଇଥାଏ । ଜଣେ ପ୍ରକୃତ ବନ୍ଧୁ କେବେ ମିଛ କହି ଆମକୁ ଖୁସି କରିବାକୁ ଚେଷ୍ଟା କରେ ନାହିଁ ବରଂ ସେମାନେ ଆମର ଭୁଲଗୁଡ଼ିକୁ ଦର୍ଶାନ୍ତି ଏବଂ ଆମକୁ ସଠିକ୍ ପଥରେ ଆଗେଇ ନେବାକୁ ଚେଷ୍ଟା କରନ୍ତି । ସେମାନେ ଆମର ସଫଳତାରେ ଆନନ୍ଦ କରନ୍ତି ଏବଂ ଆମର ବିଫଳତାରେ ଆମକୁ ଉତ୍ସାହିତ କରନ୍ତି । ପ୍ରକୃତ ବନ୍ଧୁତା ବ୍ୟକ୍ତିଗତ ଲାଭ ଉପରେ ନୁହେଁ, ବରଂ ଜୀବନ ପ୍ରତି ଏକ ନିଃସ୍ୱାର୍ଥପର ଦୃଷ୍ଟିକୋଣ ଉପରେ ଆଧାରିତ । ଯେଉଁଠାରେ ଲାଭ ଥାଏ, ସେଠାରେ ବନ୍ଧୁତ୍ୱ ଅଧିକ ଦିନ ପର୍ଯ୍ୟନ୍ତ ରହିପାରେ ନାହିଁ । ଜଣେ ପ୍ରକୃତ ବନ୍ଧୁ କେବେ ଲାଭ କିମ୍ବା କ୍ଷତି ପାଇଁ ଆମ ସହିତ ରୁହନ୍ତି ନାହିଁ ସେମାନେ ଆମକୁ ସମ୍ପୂର୍ଣ୍ଣ ହୃଦୟରେ ଭଲ ପାଆନ୍ତି ଏବଂ ସମୟ ଆସିଲେ ଆମ ପାଇଁ ଆମକୁ ଛାଡିବାକୁ ମଧ୍ୟ ପ୍ରସ୍ତୁତ ଥାଆନ୍ତି । ବନ୍ଧୁତା ଜୀବନକୁ ସୁନ୍ଦର ଏବଂ ଅର୍ଥପୂର୍ଣ୍ଣ କରିଥାଏ । ଏହା ଆମକୁ ଏକାକୀତାରୁ ଦୂରେଇ ରଖେ ଏବଂ ଆମକୁ ଆନନ୍ଦ ଏବଂ ସାହସରେ ପରିପୂର୍ଣ୍ଣ କରେ । ବନ୍ଧୁତାର ପ୍ରକୃତ ପରିଭାଷା ହେଉଛି ବିଶ୍ୱସ୍ତତା, ବିଶ୍ୱାସ, ସାହଚର୍ଯ୍ୟ ଏବଂ ନିଃସ୍ୱାର୍ଥପର ପ୍ରେମ ଉପରେ ନିର୍ମିତ ଏକ ଗଭୀର ବନ୍ଧନ ଯାହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମ ସହିତ ରହିଥାଏ ।

ଭାରତୀୟ ଇତିହାସ ଏବଂ ଶାସ୍ତ୍ରଗୁଡ଼ିକରେ ବନ୍ଧୁତାର ଅନେକ ଆଶ୍ଚର୍ଯ୍ୟଜନକ ଉଦାହରଣ ଅଛି । ମହାଭାରତରେ ଭଗବାନ କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତା କେବଳ ବ୍ୟକ୍ତିଗତ ପ୍ରେମରେ ସୀମିତ ନଥିଲା ବରଂ ଧର୍ମର ସୁରକ୍ଷା ପାଇଁ ମୂଳଦୁଆ ପାଲଟିଥିଲା । ବନ୍ଧୁତା ଲାଭ କିମ୍ବା କ୍ଷତି ଦ୍ୱାରା ମାପ କରାଯାଇଥିବା ଜିନିଷ ନୁହେଁ । ଏହା ନିଃସ୍ୱାର୍ଥପର ସମର୍ପଣ, ବିଶ୍ୱାସ ଏବଂ ତ୍ୟାଗ ଦ୍ୱାରା ସୁଦୃଢ଼ ଏକ ଭାବନା । ଇତିହାସ ଏବଂ ଧାର୍ମିକ ଗ୍ରନ୍ଥଗୁଡ଼ିକ ଏହି ସତ୍ୟର ସାକ୍ଷ୍ୟ ଦିଏ ଯେ ପ୍ରକୃତ ବନ୍ଧୁତାର ମୂଲ୍ୟ ଧନ, ପଦବୀ କିମ୍ବା ଶକ୍ତି ଦ୍ୱାରା ମାପ କରାଯାଇପାରିବ ନାହିଁ ଏହା କେବଳ ହୃଦୟରେ ନିହିତ । ସନାତନ ପରମ୍ପରାରେ ଜଣେ ବନ୍ଧୁକୁ ସଖା କୁହାଯାଏ ଯିଏ ସୁଖ ଏବଂ ଦୁଃଖରେ ସମାନ ଭାବନା ସହିତ ପରସ୍ପର ସହିତ ଛିଡ଼ା ହୁଏ । ଭଗବାନ କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତା ପ୍ରେମ ଏବଂ ତ୍ୟାଗର ଏକ ଉଦାହରଣ । ଯୁଦ୍ଧଭୂମିରେ ପରାସ୍ତ ହେବା ପରେ ଯେତେବେଳେ ଅର୍ଜୁନ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଥିଲେ, ସେତେବେଳେ କୃଷ୍ଣ ତାଙ୍କୁ ବନ୍ଧୁ ଭାବରେ ଗୀତା ଶିକ୍ଷା ଦେଇଥିଲେ । ଏହି ଶିକ୍ଷା ମଧ୍ୟ ଜଣେ ଗୁରୁ ଏବଂ ତାଙ୍କ ଶିଷ୍ୟଙ୍କ ମଧ୍ୟରେ ଏକ ସଂଳାପ, କିନ୍ତୁ ଏହାର ମୂଳରେ ବନ୍ଧୁତାର ଆତ୍ମା ଅଛି ଯାହା ଜଣେ ବନ୍ଧୁକୁ ପତନରୁ ରକ୍ଷା କରେ ଏବଂ ତାଙ୍କୁ ତାଙ୍କ କର୍ତ୍ତବ୍ୟକୁ ଫେରାଇ ଆଣେ । ଏଠାରେ, ବନ୍ଧୁତାର ମୂଲ୍ୟ ସ୍ୱାର୍ଥରେ ନୁହେଁ, ବରଂ ଧର୍ମ ଏବଂ ମାନବତାକୁ ରକ୍ଷା କରିବାରେ ନିହିତ ।

ଏହି ସମାନ ମହାକାବ୍ୟରେ ଦ୍ରୌପଦୀ ଏବଂ ଶ୍ରୀକୃଷ୍ଣଙ୍କ ମଧ୍ୟରେ ସମ୍ପର୍କ ମଧ୍ୟ ବନ୍ଧୁତାର ଏକ ଅନନ୍ୟ ଉଦାହରଣ । ଏହି ଘଟଣା ଦର୍ଶାଏ ଯେ କଷ୍ଟକର ସମୟରେ, ଜଣେ ପ୍ରକୃତ ବନ୍ଧୁ ଯୁକ୍ତି କରେ ନାହିଁ କିମ୍ବା ପରିସ୍ଥିତିର ସୁଯୋଗ ନେଇନଥାଏ ବରଂ ତୁରନ୍ତ ତାଙ୍କ ସାହାଯ୍ୟକୁ ଆସିଥାଏ । ବନ୍ଧୁତାର ସର୍ବୋଚ୍ଚ ଆଦର୍ଶ ରାମାୟଣରେ ରାମ ଏବଂ ହନୁମାନଙ୍କ ରୂପରେ ଦେଖିବାକୁ ମିଳେ । ହନୁମାନ କେବଳ ଜଣେ ଭକ୍ତ ନଥିଲେ ବରଂ ରାମଙ୍କ ଜଣେ ପ୍ରକୃତ ବନ୍ଧୁ ମଧ୍ୟ ଥିଲେ । ସେ ସୀତାଙ୍କୁ ଖୋଜିବା ପାଇଁ ନିଜ ଜୀବନକୁ ବାଜି ଲଗାଇଥିଲେ, ଲଙ୍କାରେ ନିଆଁ ଲଗାଇ ଦେଇଥିଲେ ଏବଂ ଶେଷରେ ରାମଙ୍କୁ ତାଙ୍କ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥିଲେ । ଏହି ବନ୍ଧୁତା କୌଣସି ପ୍ରତିଶୋଧର ଭାବନା ଦ୍ୱାରା ପ୍ରେରିତ ନଥିଲା ବରଂ ଏହା କର୍ତ୍ତବ୍ୟ, ପ୍ରେମ ଏବଂ ବିଶ୍ୱାସର ସଙ୍ଗମ ଥିଲା । ଇତିହାସ ଏପରି ବନ୍ଧୁତାର ଉଦାହରଣ ମଧ୍ୟ ପ୍ରଦାନ କରେ ଯେଉଁଠାରେ ସେମାନଙ୍କର ମୂଲ୍ୟ ଶକ୍ତିକୁ ଅତିକ୍ରମ କରିଥିଲା । ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମଧ୍ୟରେ ସମ୍ପର୍କ କେବଳ ଜଣେ ଗୁରୁ ଏବଂ ଶିଷ୍ୟର ନଥିଲା ବରଂ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗର ଥିଲା । ଚାଣକ୍ୟ ଜଣେ ସାଧାରଣ ଲୋକଙ୍କୁ ସମ୍ରାଟଙ୍କ ପଦବୀରେ ଉନ୍ନୀତ କରିଥିଲେ, ଯେତେବେଳେ ଚନ୍ଦ୍ରଗୁପ୍ତ ସର୍ବଦା ତାଙ୍କ ବନ୍ଧୁ ଏବଂ ପରାମର୍ଶଦାତାଙ୍କ ସମ୍ମାନକୁ ରକ୍ଷା କରୁଥିଲେ । ଏହି ବନ୍ଧୁତା ରାଷ୍ଟ୍ର ନିର୍ମାଣର ମୂଳଦୁଆ ପାଲଟିଥିଲା । ଶ୍ରୀକୃଷ୍ଣ ଏବଂ ସୁଦାମଙ୍କ କାହାଣୀ ବନ୍ଧୁତାର ଏକ ଗଭୀର ମର୍ମସ୍ପର୍ଶୀ ଏବଂ ପ୍ରେରଣାଦାୟକ କାହାଣୀ ଉପସ୍ଥାପନ କରେ । ସୁଦାମା ଗରିବ ଥିଲେ କିନ୍ତୁ କୃଷ୍ଣଙ୍କ ବାଲ୍ୟବନ୍ଧୁ ଥିଲେ । ଯେତେବେଳେ ସୁଦାମା ଦ୍ୱିଧାଗ୍ରସ୍ତ ଭାବରେ ଦ୍ୱାରକାରେ ପହଞ୍ଚିଲେ କୃଷ୍ଣ ତାଙ୍କର ରାଜକୀୟ ବିଳାସକୁ ପରିତ୍ୟାଗ କରି ତାଙ୍କୁ ଆଲିଙ୍ଗନ କଲେ । ତାଙ୍କ ବନ୍ଧୁର ଦାରିଦ୍ର୍ୟ କୃଷ୍ଣଙ୍କୁ ଭାରଗ୍ରସ୍ତ କରିନଥିଲା ସେ ସୁଦାମଙ୍କ ଜୀବନକୁ ନ ପଚାରି ପରିବର୍ତ୍ତନ କରିଥିଲେ । ବନ୍ଧୁତାର ମୂଲ୍ୟ ଏଠାରେ ସ୍ପଷ୍ଟ - ଏହା ଟଙ୍କା ଦ୍ୱାରା ନୁହେଁ, ବରଂ ଭାବନା ଦ୍ୱାରା ମାପ କରାଯାଏ ।

ଧାର୍ମିକ ଗ୍ରନ୍ଥ ବ୍ୟତୀତ ଲୋକ ଇତିହାସ ଏବଂ ସାହିତ୍ୟ ମଧ୍ୟ ବାର୍ତ୍ତା ପ୍ରଦାନ କରେ ଯେ ବନ୍ଧୁତା ସମୟର ପରୀକ୍ଷାରେ ଠିଆ ହୁଏ । ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ ଆପଣଙ୍କ ସଫଳତାରେ ଈର୍ଷା କରେ ନାହିଁ କିମ୍ବା ଆପଣଙ୍କ ବିଫଳତାରେ ଆପଣଙ୍କୁ ପରିତ୍ୟାଗ କରେ ନାହିଁ । ଦର୍ପଣ ପରି ସେମାନେ ସତ୍ୟକୁ ପ୍ରତିଫଳିତ କରନ୍ତି ଏବଂ ଛାଇ ପରି ଆପଣଙ୍କ ସହିତ ଚାଲନ୍ତି । ଆଜିର ଦୁନିଆରେ ଯେତେବେଳେ ସମ୍ପର୍କ ମୁଖ୍ୟତଃ କାମ ଏବଂ ଲାଭ ଉପରେ ଆଧାରିତ ସେତେବେଳେ ଏହି ଐତିହାସିକ ଏବଂ ଧାର୍ମିକ ଉଦାହରଣଗୁଡ଼ିକ ଆହୁରି ପ୍ରାସଙ୍ଗିକ ହୋଇଯାଏ । ଶହ ଶହ ସାମାଜିକ ଗଣମାଧ୍ୟମ ସଂଯୋଗ ବନ୍ଧୁତା ସୃଷ୍ଟି କରେ ନାହିଁ । ବନ୍ଧୁତା ବିଶ୍ୱାସ, ସମୟ ଏବଂ ତ୍ୟାଗ ଉପରେ ନିର୍ମିତ । ଏହା ଏକ ଗଛ ପରି ଯଦି ପାଳନ କରାଯାଏ, ତେବେ ଏହା ଜୀବନ ସାରା ଫଳ ଦେଇଥାଏ । ବନ୍ଧୁତାର ମୂଲ୍ୟ କେବେବି ମାପି ହେବ ନାହିଁ । ଏହାକୁ ସୁନା କିମ୍ବା ରୂପା କିମ୍ବା ସମ୍ମାନରେ ମାପି ହୁଏ ନାହିଁ । ଏହା କେବଳ ଆମ ଆଚରଣ ଆମର କାର୍ଯ୍ୟ ଏବଂ ଆମ ହୃଦୟରେ ଆଦରଣୀୟତା । ଇତିହାସ ଏବଂ ଶାସ୍ତ୍ର ଆମକୁ ଶିଖାଏ ଯେ ପ୍ରକୃତ ବନ୍ଧୁତା ଜଣେ ବ୍ୟକ୍ତିଙ୍କୁ ମହାନ ଏବଂ ସମାଜକୁ ଶକ୍ତିଶାଳୀ କରିଥାଏ ।

# ପ୍ଲାଷ୍ଟିକ୍ : ପରିବେଶ ପାଇଁ ଏକ ନୀରବ ଜହର



ଡି ଦେବହରି ରେଡି
୯୪୩୭୨୫୩୩୩୨
ତାରିଣୀ ପଲ୍ଲୀ, ଗଞ୍ଜାମ

ଆମ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ଲାଷ୍ଟିକ୍‌ର ବ୍ୟବହାର ଅତିମାତ୍ରାରେ ବୃଦ୍ଧି ପାଇଛି । ତେଣୁ ବର୍ତ୍ତମାନ ଯୁଗକୁ ପ୍ଲାଷ୍ଟିକ୍ ଯୁଗ ବୋଲି ମଧ୍ୟ କୁହାଯାଏ । ଏହି ପ୍ଲାଷ୍ଟିକ ଯାହାକି ଭବିଷ୍ୟତ ପାଇଁ ଏକ ନୀରବ ରାକ୍ଷସ ବା ନୀରବଜହର ହେବାକୁ ଯାଉଛି । ସଚେତନତା ଅଭାବରୁ ହେଉ କି ନିଜର ମାନସିକତା ଯୋଗୁ ହେଉ କିମ୍ବା ସଚେତନ ଥାଇ ମଧ୍ୟ ଭବିଷ୍ୟତକୁ ହେୟ ଜ୍ଞାନ କରି ପ୍ଲାଷ୍ଟିକକୁ ବ୍ୟବହାର କରିବା ପାଇଁ ଲୋକ ମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି । ଲୋକମାନେ ପ୍ଲାଷ୍ଟିକ ବ୍ୟବହାର ପ୍ରତି ଏତେ ଅଭ୍ୟସ୍ତ ହେଇ ଯାଇଛନ୍ତି ଯେ, ତାକୁ ବ୍ୟବହାର ନକରି ଚଳିବା ପାଇଁ ନିଜ ମାନସିକତାରେ ପରିବର୍ତ୍ତନ ଆଣିବା କଷ୍ଟକର ବୋଲି ଭାବନ୍ତି । ୧୯୫୦ ମସିହାରେ ମାତ୍ର ୨ ନିୟୁତ ଟନ୍ ପ୍ଲାଷ୍ଟିକ ତିଆରି ହେଉଥିବା ବେଳେ ୨୦୨୪ ସୁଦ୍ଧା ଏହା ବାର୍ଷିକ ୪୬୦ ନିୟୁତ ଟନ୍‌ରୁ ଅଧିକ ହୋଇଗଲାଣି । ଆମ ଦେଶରେ ଜଣେ ବାର୍ଷିକ ହାରାହାରି ୧୧ କିଲୋଗ୍ରାମ ପ୍ଲାଷ୍ଟିକ ବ୍ୟବହାର କରନ୍ତି ଯାହାକି ବିଶ୍ୱରେ ଭାରତ ସବୁଠାରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ସୃଷ୍ଟି କରୁଥିବା ଦେଶମାନଙ୍କ ମଧ୍ୟରୁ ଅନ୍ୟତମ । ଅନ୍ୟ ସାମଗ୍ରୀ ତୁଳନାରେ ପ୍ଲାଷ୍ଟିକ ଶସ୍ତା, ଦୀର୍ଘ ସ୍ଥାୟୀ ଏବଂ ସହଜ ଓ ସୁବିଧା ଭାବେ ବହନ କରିବା କାରଣରୁ ଲୋକମାନଙ୍କ ମନରେ ସହଜରେ ଆଦୃତ ହୋଇପାରିଛି । ମୋଟ ପ୍ଲାଷ୍ଟିକ ଉତ୍ପାଦନର ପ୍ରାୟ ଶତକଡା ୩୬ ରୁ ୫୦ ପ୍ରତିଶତ କେବଳ ଥରେ ବ୍ୟବହୃତ ହୁଏ ଯଥା ପଲିଥିନ, ପାଣି ବୋତଲ, ଷ୍ଟ୍ର ଏବଂ ଗୋଟିଏ ପ୍ଲାଷ୍ଟିକ ବ୍ୟାଗ୍‌ର ହାରାହାରି ବ୍ୟବହାର ମାତ୍ର ୧୫ ମିନଟ କିନ୍ତୁ ଏହା ନଷ୍ଟ ହେବା ପାଇଁ ପ୍ରାୟ ୫୦୦ ବର୍ଷ ସମୟ ନିଏ । ଫଳରେ ଗ୍ରାମରୁ ସହର ପର୍ଯ୍ୟନ୍ତ ବହୁତ୍ ସ୍ଥାନରେ ଅଦରକାରୀ ପ୍ଲାଷ୍ଟିକ ଗଦା ହେଇ କୃତ୍ରିମ ପାହାଡ ତିଆରି ହେଇଛି । ପ୍ଲାଷ୍ଟିକକୁ ବହୁଳ ବ୍ୟବହାର କରି ଲୋକମାନେ ଜାଣିଶୁଣି ଏକ ସୁନିଶ୍ଚିତ ବିଷ ବଳୟକୁ କିଣୁଛନ୍ତି । ପ୍ଲାଷ୍ଟିକର ଅତ୍ୟଧିକ ବ୍ୟବହାର ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଅତ୍ୟନ୍ତ ବିପଦଜନକ । ପ୍ଲାଷ୍ଟିକର ଏକ ଅଂଶ ମାଇକ୍ରୋ ପ୍ଲାଷ୍ଟିକ ଯାହାକି ପାଞ୍ଚ ମିଲିମିଟରରୁ କମ୍ ବିଶିଷ୍ଟ ଅତି କ୍ଷୁଦ୍ର କଣିକା ଅନେକ ସମୟରେ ଖାଲି ଆଖିରେ ଦେଖା ଯାଏନି ତାହା ଖାଦ୍ୟ, ପାଣି ଓ ପବନ ମାଧ୍ୟମରେ ଆମ ଶରୀରକୁ ପ୍ରବେଶ କରି ରକ୍ତ ଏବଂ ଫୁସଫୁସ୍‌ରେ ଜମାଟ ବାନ୍ଧି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ । ପ୍ଲାଷ୍ଟିକରେ ଥିବା ରାସାୟନିକ ଦ୍ରବ୍ୟ ଦ୍ୱାରା କର୍କଟ ଭଳି ଦୁରାରୋଧ୍ୟ ରୋଗ ସୃଷ୍ଟି ହୁଏ । ସାମ୍ପ୍ରତିକ ସମୟରେ ଗାଁ ଠାରୁ ଆରମ୍ଭ କରି ବଡ଼ ବଡ଼ ସହର ପର୍ଯ୍ୟନ୍ତ ଲୋକେ ପଲିଥିନ୍ ବା ଅନ୍ୟାନ୍ୟ ପ୍ଲାଷ୍ଟିକ ଡବାରେ ଖାଇବା ସାମଗ୍ରୀ ମଗେଇବା ରଖି ଖାଇ ଥାଆନ୍ତି । ଏହା ଦ୍ୱାରା ପ୍ଲାଷ୍ଟିକରେ ଥିବା ବିସଫେନଲ୍ ଏ, ପି.ଏଫ୍.ଏ.ଏସ୍, ଥାଲେଟ୍ସ ଭଳି କେମିକାଲ ଖାଦ୍ୟର ଗରମ ଦ୍ୱାରା ଖାଦ୍ୟରେ ମିଶି ଶରୀରର ସ୍ୱାଭାବିକ ଜୀବରସ ବା ହର୍ମୋନ ପ୍ରକ୍ରିୟାକୁ ପ୍ରଭାବିତ ଓ ପ୍ରଜନନ କ୍ଷମତା ଉପରେ କୁପ୍ରଭାବ ପକାଏ । ଅନେକ ସ୍ଥାନରେ ଲୋକେ ପ୍ଲାଷ୍ଟିକକୁ ନିଆଁ ଲଗାଇ ପୋଡ଼ିବା ଦେଖାଯାଏ । ପ୍ଲାଷ୍ଟିକ୍ ପୋଡ଼ିବା ଦ୍ୱାରା ବାୟୁମଣ୍ଡଳକୁ ଡାଇଓକ୍ସିନ୍ (dioxins) ଏବଂ ଫ୍ୟୁରାନ୍ସ (furans) ଭଳି ଅନେକ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ, ଯାହା ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ । ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଅପେକ୍ଷା ପ୍ଲାଷ୍ଟିକ୍ ପୋଡ଼ିବା ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିପଦ, ପ୍ଲାଷ୍ଟିକ୍ ପୋଡ଼ିବା ହେଉଛି ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟ ବିପଦ, କାରଣ ଏହା ବାୟୁକୁ ଏତେ ବିଷାକ୍ତ କରିଦିଏ ଯେ ସେହି ଅଞ୍ଚଳରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ତୁରନ୍ତ ଖରାପ ପ୍ରଭାବ ପଡ଼ିଥାଏ । ଏହା ଦ୍ୱାରା କର୍କଟ, ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ ଏବଂ ଚର୍ମ ରୋଗ ହେବାର ଆଶଙ୍କା ଥାଏ । ଏଥିରୁ ବାହାରୁଥିବା କଳା ଧୂଆଁ ବା 'ବ୍ଲାକ୍ କାର୍ବନ୍' ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହ ଜଳବାୟୁ ପରିବର୍ତ୍ତନର କାରଣ ସାଜିଥାଏ । ମାଟିରେ ଶହ ଶହ ବର୍ଷ ଧରି ଜମି ରହିଥିବା ପ୍ଲାଷ୍ଟିକ ଦ୍ୱାରା ମାଟିର ଉର୍ବରତା କମିଯାଏ ଓ ମାଟିରେ ଥିବା ଉଦ୍ଭିଦ ସମ୍ପଦ ବଞ୍ଚିବାରେ ବାଧା ସୃଷ୍ଟି କରେ । ପ୍ଲାଷ୍ଟିକ ଦ୍ୱାରା କେବଳ ମାଟି ପ୍ରଦୂଷିତ ହୁଏ ତାହା ନୁହେଁ ପାଣି, ବାୟୁ ମଧ୍ୟ ପ୍ରଦୂଷିତ ହୁଏ । ବ୍ୟବହାର ସରିଲା ପରେ ଫୋପାଡି ଦେଇଥିବା ବର୍ଜ୍ୟ ପ୍ଲାଷ୍ଟିକ ବସ୍ତୁ ଲକ୍ଷ ଲକ୍ଷ ଟନ୍ ନଦୀ ନାଳରେ ଭାସି ସମୁଦ୍ରରେ ମିଶେ ଫଳରେ ସମୁଦ୍ରରେ ଥିବା ମାଛ ତଥା ଅନ୍ୟାନ୍ୟ ସାମୁଦ୍ରିକ ଜୀବ ଖାଦ୍ୟ ଭାବି ଖାଇ ମୃତ୍ୟୁବରଣ କରିବା ସହ ପ୍ଲାଷ୍ଟିକ ଖାଇଥିବା ପଶୁ ବା ମାଛକୁ ଆମେ ଖାଇବା ଦ୍ୱାରା ସେହି ବିଷାକ୍ତ କଣିକା ଆମ ଶରୀରରେ ମିଶି ହର୍ମୋନ ପ୍ରକ୍ରିୟାରେ ବାଧା ସୃଷ୍ଟି କରେ । ଏପରିକି ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣା ପଡ଼ିଛି ଯେ, ମାଇକ୍ରୋ ପ୍ଲାଷ୍ଟିକ ମଣିଷର ରକ୍ତ, ଫୁସଫୁସ୍ ସମେତ ଛୁଆ ପାଇଁ ଅମୃତ ସଦୃଶ୍ୟ ମାଆ କ୍ଷୀରରେ ମଧ୍ୟ ମିଳୁଛି । ମା କ୍ଷୀର ଭଳି ଏକ ଅମୃତ ଦ୍ରବ୍ୟ ବର୍ତ୍ତମାନ ଜହର ପାଲଟି ଯାଇଛି । ତେଣୁ ଯେତେ ଶୀଘ୍ର ଯେତେ ସମ୍ଭବ ଏହି ଭଳି ଏକ ନୀରବ ଜହର କବଳରୁ ମଣିଷ ସମେତ ଜୀବଜଗତକୁ ରକ୍ଷା କରିବାକୁ ପଡ଼ିବ ନଚେତ୍ ଜାଣିଶୁଣି ଏକ ସୁନିଶ୍ଚିତ ବିଷ ବଳୟ ଭିତରେ ଛଟପଟ ହେଇ ଜୀବନ ହାରିବା ଥୟ । ପ୍ଲାଷ୍ଟିକ ପ୍ରଦୂଷଣରୁ ବଞ୍ଚିବା ପାଇଁ ଆମର ଦୈନନ୍ଦିନ ଜୀବନଶୈଳୀର ବୃହତ୍ ପରିବର୍ତ୍ତନ ଆଣିବାକୁ ହେବ । ଆମେ ନିଜର ମାନସିକତାରେ ପରିବର୍ତ୍ତନ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ଲାଷ୍ଟିକ ଭଳି ଏକ ନୀରବ ବିଷ ବଳୟରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ଠାରୁ ହିଁ ନିଜ ନିଜ ସ୍ତରରେ ପ୍ରଚେଷ୍ଟା ଆରମ୍ଭ କରିବାକୁ ପଡ଼ିବ । ପ୍ରଥମେ ନିଜ ଦୈନନ୍ଦିନ ଜୀବନର ବ୍ୟବହାରରେ ବଜାରରେ ଉପଲବ୍ଧ ଥିବା ପ୍ଲାଷ୍ଟିକରେ ତିଆରି ଚାମୁଚ, ଷ୍ଟ୍ର, ପାଣି ବୋତଲ ଓ ପଲିଥିନ୍ ଯାହାକି ଥରେ ମାତ୍ର ବ୍ୟବହାର ହୁଏ ତାହାକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରି ପ୍ରତିବଦଳରେ ଷ୍ଟିଲ ଚାମୁଚ, କାଗଜ ଷ୍ଟ୍ର, କାଚ କିମ୍ବା ଷ୍ଟିଲ ବୋତଲ ବ୍ୟବହାର କରିବା । ପ୍ଲାଷ୍ଟିକ ସାମଗ୍ରୀ ଯେତେ ସମ୍ଭବ କମ୍ କିଣିବା ବା ବ୍ୟବହାର କରିବା ଏବଂ ବ୍ୟବହାର କରିଥିବା ସାମଗ୍ରୀ ନ ଫୋପାଡି ବା ନ ପୋଡ଼ି ତାକୁ ପୁନଃ ବ୍ୟବହାର କରିବା । ଖାଲି ଥିବା ପ୍ଲାଷ୍ଟିକ ପାତ୍ରରେ ଗଛ ଲଗେଇ ପାରିବା । ବଜାରକୁ ସଉଦା ପାଇଁ ଗଲା ବେଳେ ସାଙ୍ଗରେ କପଡା କିମ୍ବା ଝୋଟ ତିଆରି ବ୍ୟାଗ୍ ନେଇକି ଯିବା ଫଳରେ ଆଉ ପ୍ଲାଷ୍ଟିକ୍ ନିର୍ମିତ ବ୍ୟାଗ୍ ଆଣିବାକୁ ଦରକାର ହେବ ନାହିଁ ।

ଏହା ବ୍ୟତୀତ ନିଜ ନିଜ ସ୍ତରରେ ଜନ ସଚେତନତା ସୃଷ୍ଟି କରିବା ସହ ନିଜ ଅବସର ସମୟରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କିମ୍ବା ଅଂଶ ଗ୍ରହଣ କରି ନିଜ ନିଜ ଅଞ୍ଚଳ ତଥା ସମୁଦ୍ର ବେଳାଭୂମି କୁ ପ୍ଲାଷ୍ଟିକ ମୁକ୍ତ କରିପାରିବା । ସରକାରଙ୍କ ଦ୍ୱାରା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରଣୟନ କରାଯାଇଥିବା ସମସ୍ତ ନୀତି ନିୟମକୁ ଶୃଙ୍ଖଳାର ସହ ମାନିବା । ଆଗାମୀ ଭବିଷ୍ୟତ ସୁସ୍ଥ ଓ ସୁଖକର ହେଇପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ପିଲାଙ୍କ ମହାଭାରତ-୭୯



ନିତ୍ୟାନନ୍ଦ ପଣ୍ଡା

## ରାଜା ବିରାଟଙ୍କ ଭ୍ରାନ୍ତି ଦୂରହେଲା-୨



ରାଜା ଯେତେଥର ପୁଅ କଥା ଉଠାଉଥିଲେ, କଙ୍କ ବୁଲେଇ ବୃହନ୍ନଳାର ଗୁଣଗାନ କରୁଥିଲେ।

ରାଜା ରାଗିଗଲେ। "ଚୁପ୍! ତୁମେ ବାରମ୍ବାର ସେ ମାଇଚିଆ କଥା ଉଠଉଚ! ମୁଁ ମୋର ପୁଅର ବୀରତ୍ୱ ଗାଥା କହୁଚି, ମନେରଖ!"

: ମୁଁ ବୁଝିଚି ମହାରାଜ! ମୁଁ ସେଇଆ ହିଁ କହୁଚି। ବୃହନ୍ନଳା ଯେଉଁଠି ରଥ ଚାଳକ ଥିବ, ଯେତେ ବଡ଼ ଯୋଦ୍ଧା ହେଉ, ହାରିବା ନିଶ୍ଚିତ। ତା ବିନା ରାଜକୁମାର ଜିତିପାରିନଥାନ୍ତେ।

ଏଥର ରାଜାଙ୍କର ରାଗ ପଞ୍ଚମରେ ପହଞ୍ଚିଲା। ସେ କଙ୍କଙ୍କ ଗାଲରେ ଥାପଡଟେ କସିଦେଲେ। କଙ୍କଙ୍କ ମୁହଁରୁ ଧାର ଧାର ରକ୍ତ ବହିଗଲା।

ତତ୍‌କ୍ଷଣାତ୍ ଛୁଟିଆସିଲେ ସୈରିନ୍ଧ୍ରୀ। ସେ ପଣତ କାନିରେ ସ୍ୱାମୀଙ୍କ ମୁହଁରୁ ରକ୍ତ ପୋଛିଦେଲେ।

ଏହି ଦୃଶ୍ୟଟି ରାଜାଙ୍କୁ ଭଲ ଦେଖାଗଲାନାହିଁ।

କହିଲେ- ଏ ତୁ କ'ଣ କରୁଛୁ ସୈରିନ୍ଧ୍ରୀ!

: ସନ୍ନ୍ୟାସୀଙ୍କ ରକ୍ତ ଭୂଇଁରେ ପଡ଼ିବା କଥାନୁହଁ। ସେଇଥିପାଇଁ।

ଏହି ସମୟରେ ରକ୍ଷୀ ଘୋଷଣାକଲା- ରାଜକୁମାର ବିଜେ କରୁଛନ୍ତି... ରାଜାଙ୍କୁ ଦେଖା କରିବାକୁ ଚାହୁଁଛନ୍ତି...

- ନେଇ ଆସ କୁମାରଙ୍କୁ। ଓଃ ମୁଁ କେତେ ଖୁସି.... ରାଜା ଠିଆହୋଇପଡ଼ିଲେ।

କୁମାର ରାଜାଙ୍କ ପାଦ ଛୁଇଁଲେ। ତା'ପରେ ସନ୍ନ୍ୟାସୀଙ୍କ ପାଦ ଛୁଇଁଲେ।

"ଇଏ କ'ଣ! ତୁମକୁ ଏପରି କିଏ କଲା?"- ଯୁଧିଷ୍ଠିରଙ୍କୁ ଦେଖି କୁମାର ଚମକି ପଡ଼ିଲେ।

: ମୁଁ ଥାପଡଟେ ଦେଇଛି! କ'ଣ ହେଲା?

ସେ ତୁମର ପ୍ରଶଂସା ସହିପାରୁନାହାଁନ୍ତି।

- ଏ କ'ଣ କଲେ ପିତା! ଆମର ସର୍ବନାଶ ଘଟିବ! ତୁମେ ସନ୍ନ୍ୟାସୀଙ୍କୁ କ୍ଷମା ମାଗ।

ଏତିକି କହି ସନ୍ନ୍ୟାସୀଙ୍କୁ କ୍ଷମା ମାଗିଲେ କୁମାର।

ତଥାପି ରାଜା ବୁଝିପାରୁନଥିଲେ। ସେ କୁମାରଙ୍କୁ ବସେଇଲେ ଓ ସେ କେମିତି କୌରବଙ୍କୁ ପରାସ୍ତ କଲେ ଶୁଣିବାକୁ ଚାହିଁଲେ।

ରାଜକୁମାର ମୁହଁ ତଳକୁ ପୋତିଲେ। କହିଲେ- ମୁଁ ଯୁଦ୍ଧ କରିନାହିଁ କି ଗୋସଂପଦ ଫେରେଇ ଆଣିନାହିଁ। ଜଣେ ଦେବତା ସବୁ କରିଛନ୍ତି!

-କାହାଁନ୍ତି ସେ ଦେବତା? ତାଙ୍କୁ ଆସିବାକୁ କୁହ। ମୁଁ ମୋର କନ୍ୟା ଉତ୍ତରାକୁ ତାଙ୍କୁ ସମର୍ପଣ କରିବି।

"ସେ ଆସନ୍ତାକାଲି ଆସିବେ। - କହିଲେ କୁମାର। **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ନିୟମ ମାନିବା ଅଂଶୁଘାତର

*ପ୍ରଫୁଲ୍ଲ କୁମାର ସାହୁ*




ଟିକ୍ ମିକ୍ ଟିକ୍ ଦିଶୁଛି ଧରା
ତାଥେଇ ତାଥେଇ ନାଚୁଛି ଖରା
ଆକାଶରୁ ଖସେ ନିଆଁ,
ଟାଣ ଖରା ବେଳେ କାମଟି ନଥିଲେ
ବାହାରକୁ ଯିବା କିଆଁ।୧।

କାମ ଥିଲେ ଯଦି ହେବା ବାହାର
ମାନିବା ନିୟମ ଅଂଶୁଘାତର
ସଚେତନ ଆମେ ହୋଇ,
ଗୋଡ଼ ବଢାଇଲେ ବାହାରକୁ ଆମେ
ଡରଟି ରହିବ ନାହିଁ।୨।

ସାଥିରେ ଗାମୁଛା ପାଣି ବୋତଲ
ମୁଣ୍ଡ ପାଇଁ ଛତା ପାଦେ ଚପଲ
(ନିଜ) ସୁବିଧା ପାଇଁଟି ନେବା,
ଟାଣ ଖରା ପାଇଁ ହାଲିଆ ଲାଗିଲେ
(ଗଛ) ଛାଇରେ ଆମେ ବସିବା।୩।

ଫୁଟି ତରଭୁଜ କାକୁଡି ବେଲ
ଖରାଦିନ ପାଇଁ ଦେହକୁ ଭଲ
ଖାଇବା ନିଇତି ଆମେ,
ଦେହକୁ ମିଳିବ ବଳ ଯେ ବହୁତ
ବାହାରକୁ ଗଲେ କାମେ।୪।

ଦହି ସରବତ କାଗିଜି ପାଣି
ଦେହ ପାଇଁ ହିତ ପିଇବା ଜାଣି
ଖରା ଯେବେ ଯିବ ବଢ଼ି,
ଦେହରେ ଜଳୀୟ ଅଂଶ ବଢାଇବ
ମନୁ ଭୟ ଯିବ ଛାଡ଼ି।୫।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# କି କରିବ ଅଂଶୁଘାତ

*ଜୟକୃଷ୍ଣ ସାହୁ*

ସୂରୁଜ ଦେବତା ଅଂଶୁମାନ ବୋଲି
ସଭିଙ୍କୁ ଏକଥା ଜଣା
ତାଙ୍କ ରଶ୍ମି ବଢ଼ି ପ୍ରଖର ହୋଇଲେ
କରିଦିଏ ବାଟବଣା
ଅଂଶୁମାନ ଶକ୍ତ ଆଘାତ ଦେବାକୁ
ଆମେ ଅଂଶୁଘାତ କହୁ
ସେ ଆଘାତ ପାଇ ଗମ ଗମ ଝାଳ
ଝରିଯାଏ ଆମ ଦେହୁ।
ଗଛ ଦିଏ ତା'ର ଛାଇରେ ଆସରା
ଗଛ ଲଗଉଛି କିଏ
ସେଥିପାଇଁ ଆଜି ତାତି ବଢ଼ିଯାଏ
ପ୍ରକୃତି କଷଣ ଦିଏ।
ସରବେ ଗୋଟିଏ ଗଛ ଲଗାଇଲେ
କୋଟିଏ ହୋଇବ ଗଛ
କୋଟି କୋଟି ଗଛ ହୋଇଲେ ଧରାରେ
ପରିବେଶ ହେବ ସ୍ୱଚ୍ଛ।
ଗଛ ଛାଇ ଶୀତଳତା ଭରିଦେବ
ଖରା କରିବନି ନାଟ
ଧରାରୁ ଆମର ଖରା କମିଗଲେ
କି କରିବ ଅଂଶୁଘାତ।
ଯେବେ କେବେ ତାତି ବଢ଼ିଯାଏ ଅତି
ଦେଖିଚାହିଁ ଗୋଡ଼ କାଢ଼
ନୋହିଲେ ତ ଦହିପଖାଳକୁ ଖାଇ
ଆରାମରେ ଘରେ ଗଡ଼।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

# ଅକ୍ଷୟ ତୃତୀୟା

*ଦୀପକ କୁମାର ନାୟକ*

ସବୁରି ଶୁଭର କାମର ଆରମ୍ଭ
ଏହି ଦିନେ କରାଯାଏ
ପବିତ୍ର ଅକ୍ଷୟ ତୃତୀୟା ଦିନଟି
ସେଥିପାଇଁ ଗଣାଯାଏ ॥
ମହାପ୍ରଭୁଙ୍କର ରଥ କାର୍ଯ୍ୟ ପୁଣି
ଏହି ଦିନେ ଅନୁକୂଳ
ଆଜିର ଦିନରେ ଯେଉଁ କାର୍ଯ୍ୟକଲେ
ମିଳିଥାଏ ଶୁଭ ଫଳ ॥
କାହିଁ କେତେ କାଳୁ ଲୋକଙ୍କ ମନରେ
ବିଶ୍ୱାସ ରହିଛି ଭରି
ସେଥିପାଇଁ ସିଏ ଶୁଭ କାର୍ଯ୍ୟ ପାଇଁ
ଏ ଦିନକୁ ଥାଏ ସ୍ମରି ॥
ନୂଆ ବସ୍ତ୍ର ପିନ୍ଧି ହସ ରଖି ମୁଖେ
କ୍ଷେତକୁ ବାହାରି ଯାଏ
ପୂଜାର୍ଚ୍ଚନା କରି ଅଖି ମୁଠି ଚାଷୀ
ଅନୁକୂଳ କରିଥାଏ ॥
ଏହିଦିନ ଠାରୁ ଶ୍ରୀକ୍ଷେତ୍ରେ ଚନ୍ଦନ
ଯାତରା ଆରମ୍ଭ ହୁଏ
ତାକୁ ନେଇ ଭକ୍ତ ମନରେ ହରସ
ଗୌରବରେ ଫୁଟିଥାଏ ॥
ଚାଷୀ ଭାଇ ଆମ ଏହି ବରଷରେ
ଭଲ ଆୟ କରୁ ଧାନ
ଆଜିର ଦିନରେ ଶ୍ରୀଜଗନ୍ନାଥଙ୍କୁ
ମୋର ଏହି ନିବେଦନ ॥

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*



# ପବିତ୍ର ଚନ୍ଦନ ଯାତ

*ନଗେନ୍ଦ୍ର ନାଥ ପଟ୍ଟନାୟକ*



ଚନ୍ଦନ ଯାତରା ହୁଏ ଶୁଭାରମ୍ଭ
ଅକ୍ଷୟ ତୃତୀୟା ଦିନ
ଜ୍ୟେଷ୍ଠ ଶୁକଳ ଚତୁର୍ଦ୍ଦଶୀ ତିଥି
ଯାତ୍ରାର ଅନ୍ତିମ ଦିନ ॥
ମଦନମୋହନ ଆସନ୍ତି ଦେଉଳୁ
ମଣି ବିମାନରେ ବସି
କୃଷ୍ଣ ବଳରାମ ଭୂଦେବୀ ଶ୍ରୀଦେବୀ
ସାଙ୍ଗେରେ ଯା'ନ୍ତି ମିଶି ॥
ଚନ୍ଦନ ଲେପନେ ବିମଣ୍ଡିତ ଦିଅଁ
ଶୋହେ ଫୁଲହାର ଗଳେ
ମାନବୀୟ ଲୀଳା ରଚିବା ପାଇଁକି
ଆସନ୍ତି ଭକତ ମେଳେ ॥
ସୁସଜ୍ଜିତ ଆଜି ନରେନ୍ଦ୍ର ପୋଖରୀ
ଦିଅଁ ଆଗମନ ପାଇଁ
ପ୍ରଭୁଙ୍କ ଦର୍ଶନ ଲଭିବା ସକାଶେ
ଭକତେ ଆସନ୍ତି ଧାଇଁ ॥
ଶଙ୍ଖ ଭେରୀ ତୂରୀ ବାଇଦ ଶବଦ
ଭକ୍ତ ତୁଣ୍ଡେ ହରିବୋଲ
ନାମ ସଂକୀର୍ତ୍ତନ ହୁଳହୁଳି ମଧ୍ୟେ
ଚାଲେ ଜଳେ ଚାପଖେଳ ॥
ଏକୋଇଶ ଦିନ ବ୍ୟାପୀ ଚାଲେ ଯାତ
ପବିତ୍ର ଏ ଶଙ୍ଖକ୍ଷେତ୍ରେ
ପଭୁଙ୍କ ଦର୍ଶନେ ଧନ୍ୟ ହୁଏ ଭକ୍ତ
ଭାବ ଲାଖି ରହେ ନେତ୍ରେ ॥

*ଓସ୍କାର ସିଟି ଲକ୍ଷ୍ମୀ ସାଗର କେନାଲ ରୋଡ୍, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ବଇଶାଖ ମାସ ଆସିଲା

*ସୁରମା ମିଶ୍ର*



ବଇଶାଖ ମାସ ଆସିଲା
ଖରାର ପ୍ରକୋପ ବଢ଼ିଲା
ଗରମ ପବନ ବହି ଗମଗମ
ଦେହୁ ଝାଳ ବୋହି ଗଲା ॥

ସାଙ୍ଗସାଥୀ ସବୁ ମିଶିବ
ଜଳ ଛତ୍ରଟିଏ ଖୋଲିବ
ଶୋଷିଲା ଲୋକଙ୍କୁ ଜଳ ଯୋଗାଇଣ
ପୁଣ୍ୟ ଅରଜନ କରିବ ॥

ଶୁଣ ପିଲାମାନେ ଶୁଣ
ବଡଙ୍କର କଥା ମାନ
ଖରାବେଳେ ଘରୁ ବାହାର ନାହିଁରେ
ଅଂଶୁଘାତ ହେବ ଜାଣ ॥

ଗଛେ ପାଣି ପାତ୍ର ବାନ୍ଧିବ
ଗଛ ମୂଳେ ଦାନା ବୁଣିବ
ଦାନା ଖାଇ ସାରି ପାଣି ପିଇ ଦେଇ
ଖୁସିରେ ପକ୍ଷୀଟି ଉଡ଼ିବ ॥

ଯଦି କେବେ ବାହାରିବ
ପାଣି ବୋତଲଟେ ନେବ
ଓଦା ଗାମୁଛାଟେ ମୁଣ୍ଡରେ ପକାଇ
ଛତାଟିଏ ଧରିଥିବ ॥

ଜଳ ଅପଚୟ କରିବନି
ଜଳ ବିନା ଆମେ ବଞ୍ଚିବାନି
ଜଳ ଯେ ଜୀବନ ଏ କଥାଟି କେହି
ଭୁଲିବନିରେ ଭୁଲିବନି ॥

ତେଲ ଛଣା ଖାଦ୍ୟ ନ ଖାଇ
ଦୂଷିତ ପାଣିକୁ ନ ପିଇ
କଥା ମାନି ଯଦି ଚଳିବ ତୁମେରେ
ଅସୁସ୍ଥ ହୋଇବ ନାହିଁ ॥

ଏହିପରି ଭଲ କାମ
କରିବରେ ଦେଇ ମନ
ପାଇବ ଅଶେଷ ଶାନ୍ତି ପାଇବରେ
କାଟିବ ଖୁସିରେ ଦିନ ॥

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ବଇଶାଖୀ ଖରା ତାତି

*କୀର୍ତ୍ତନ ସାହୁ*



ବାଟେ ଯାଉ ଯାଉ ପଥିକ ଭାଇର
ଦେହ ହାତ ତାତି ଯାଏ
ଗରମରେ ମୁଣ୍ଡ ଝାଇଁ ମାରି ନିଏ
କେତେ କଷ୍ଟ ପାଇ ଥାଏ।

ବଡ ଗଛ ଦେଖି ଛାଇରେ ତାହାର
ବିଶ୍ରାମ ଟିକିଏ ନିଏ
ଓଦା ଗାମୁଛାକୁ ମୁଣ୍ଡରେ ପକାଇ
ଚାଲିରେ ମନଟି ଦିଏ।

ଜଳଛତ୍ର ପାଖେ ଅଟକି ଯାଇକି
ପାଣି ମୁନ୍ଦେ ପିଇ ଥାଏ
ଘରକୁ ଫେରିବ ଡେରି ହୋଇଲାଣି
ବେଗେ ବେଗେ ଚାଲି ଯାଏ।

ବାଟ ଘାଟ ଗଛ ପତ୍ର ତାତି ଯାଏ
କେଡେ ଟାଣ ଏଇ ଖରା
ସବୁ କିଛି ତାତି ଭାରି କଷ୍ଟ ଦିଏ
ତାତି ଯାଏ ସାରା ଧରା।

ପାଣି ବି ଗରମ ମାଟି ବି ଗରମ
ସବୁତ ଗରମ ଏବେ
ଜଗିକି ଚଳିବା ସଜାଗ ହୋଇବା
ଯୁଆଡ଼େ ଯିବା ବି ଯେବେ।

ବଇଶାଖ ଖରା କେଡେ ଡହ ଡହ
ଭାରି ଅସ୍ତବ୍ୟସ୍ତ କରେ
ଶୋଷି ନେଇ ପାଣି ବରଷା କରିବ
ମନରେ ଏ ଆଶା ଭରେ।

*ମିଶ୍ରକଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

# ଅଂଶୁଘାତକୁ ଡରରେ ଭାଇ



*ଅସୀମା ପ୍ରଧାନ*



ଟାଣ ଖରା ପରା ମାଡି ଆସିଲାଣି ଭାଇ
ଯୋତା ଛତା ଯେତେ ସବୁ ରଖରେ ସଜାଇ ॥
ଛତା ଚପଲ ପିଇବା ପାଣି ସବୁ ପରା ଧରି
ଯେତେବେଳେ ଯାଅ ଇଚ୍ଛା ଘରୁ ତ ବାହାରି ॥
ଧଳା ରଙ୍ଗ ଢିଲା କପା ପୋଷାକକୁ ପିନ୍ଧି
ଖରାରେ ବାହାର ମୁଣ୍ଡରେ ଠେକାଟେ ବାନ୍ଧି ॥
ଯିବାବେଳେ ଛାଇରେ ତ ନିଅରେ ବିଶ୍ରାମ
କରନାହିଁ ଖରାରେ ଅଧିକ ପରିଶ୍ରମ ॥
ଚାଲ ନାହିଁ ଟାଣ ଖରାରେ ଅଧିକ ଦୂର
ମାଦକଦ୍ରବ୍ୟ ସେବନ କଲେ ହେବ ଜ୍ୱର ॥
ପ୍ରବଳ ଝାଳ ବୋହିକି ଅନ୍ଧାର ଦିଶିବ
ଶୋଷ ଲାଗିବା ସହିତ ବାନ୍ତି ମଧ୍ୟ ହେବ ॥
ମାଂସ ପେଶୀ ଟାଣି ହୋଇ ଶୁଷ୍କ ହେବ ଚର୍ମ
ଅଚେତ ହୋଇ ବାତ ମାରି ଭେଦିବ ମର୍ମ ॥
ଅଂଶୁଘାତ ହେଲେ ଦେବ ମୁଣ୍ଡ ଗୋଡ ଧୋଇ
ଓଦା କପଡାରେ ଦିଅ ସର୍ବାଙ୍ଗକୁ ପୋଛି ॥
ଚିନି ଲୁଣ ସର୍ବତ ସହିତ ସାଦା ପାଣି
ଦହି ଓଆର୍ଏସ୍ ପିଇବ ମନ ଜାଣି ॥
ବୃକ୍ଷ ରୋପଣ ସବୁଙ୍କର ଅଟେ କର୍ତ୍ତବ୍ୟ
ଅଂଶୁଘାତ ପାଇଁ ଅଛିରେ ତାର ମହତ୍ତ୍ୱ ॥
ଜଳାଶୟ ପୁଷ୍କରିଣୀ କର ଯେ ଖନନ
ହେବା ନାହିଁ ଗରମର ଆମେ ସମ୍ମୁଖୀନ ॥
ଯାନବାହାନର ସଂଖ୍ୟା କଲେ ନିୟନ୍ତ୍ରଣ
କମିବ ପରା ଅଙ୍ଗାରକାମ୍ଳ ପରିମାଣ ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

# କୁଲା ମୋର ନାମ



*ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ*

ବାଉଁଶ ବତାରେ ଗଢା ମୋର ଦେହ
କୁଲା ଅଟେ ମୋର ନାମ,
ଭଲ ଜିନିଷରୁ ଖରାପ ବାହାର
କରିବା ମୋହର କାମ।
ଧାନ ଉଡ଼ା ହେଉ ଚାଉଳ ପାଛୁଡ଼ା
ସବୁ କରିଥାଏ ମୁହିଁ,
ଦିନ ରାତି ଖଟେ ନିରିଭୟେ ସଦା
କେବେ ହେଲେ ହାରେ ନାହିଁ।
ପୂରୁବ କାଳରେ ଥିଲି ବେଶୀ ଲୋଡ଼ା
ହେଲେ ଆଉ ନାହିଁ ଏବେ,
ବେଳେବେଳେ ମନେ ପଡ଼ିଲେ ସେ କଥା
ପୁରୁଣା ସ୍ମୃତିକୁ ଭାବେ।
ଆଜିକାର ପିଲା ଜାଣନ୍ତିନି ବେଶୀ
କରୁଥିଲି ମୁହିଁ କିସ,
ସହରୀ ସଭ୍ୟତା ଗାଆଁରେ ପଶିକି
କରିଦେଲା ମୋତେ ଶେଷ।

*ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*
*ଫୋନ୍-୭୯୦୪୩୯୨୬୮୬*

# ସବୁଠାରୁ ସୁନ୍ଦର ପିଲା



ଲଳିତ ମୋହନ ମିଶ୍ର



ଥରେ ଆକବର ଏବଂ ବିରବଲ ବଗିଚାରେ ବୁଲୁଥିଲେ। ଆକବର ଅତି ଉତ୍କଣ୍ଠାର ସହିତ କହିଲେ, ବୀରବଲ୍! ମୋର ପୁଅ ଜଗତରେ ସବୁଠାରୁ ସୁନ୍ଦର ପିଲା।

ବିରବଲ କହିଲେ, ମହାରାଜ! ପ୍ରତ୍ୟେକ ପିତାମାତା ଭାବନ୍ତି.. ମୋର ସନ୍ତାନ ସବୁଠାରୁ ସୁନ୍ଦର। ଆକବର ଏକଥାକୁ ସହଜରେ ହଜମ କରିପାରିଲେନାହିଁ। ସେ ବିରବଲଙ୍କୁ କହିଲେ, ତୁମେ ସଂସାରର ସବୁଠାରୁ ସୁନ୍ଦର ପିଲାକୁ ଖୋଜି ଆଣ। ପରଦିନ ବିରବଲ ଅତି ସାଧାରଣ ମାଟି କାଦୁଅରେ ଖେଳୁଥିବା କଳା ମଚ୍ ମଚ୍ ଗୋଟିଏ ଗରିବ ପିଲାକୁ ଆଣିଲେ। ତାକୁ ଦେଖି ଆକବର ବିରକ୍ତ ହୋଇ କହିଲେ, ବୀରବଲ୍! ତୁମେ ଏହାକୁ ସଂସାରର ସବୁଠାରୁ ସୁନ୍ଦର ପିଲା କହୁଛ? ତା' ମୁହଁକୁ ଟିକିଏ ଦେଖିଛ?

ସେହି ସମୟରେ ପିଲାଟିର ମାଆ ଦୌଡ଼ି ଆସିଲା। ସେ ପିଲାଟିକୁ କୋଳେଇ କାଖେଇ ଗେଲ କରିବାକୁ ଲାଗିଲା। ତା'ର ଲୁହ ପୋଛିଦେଲା, ତାର ପଣତ କାନିରେ ମୁହଁକୁ ଦେହକୁ ପୋଛି ଦେଇ.. ମୁଣ୍ଡକୁ ଗେଲ କଲା। ମାଆ ତାର କହି ବୋଲିଲା, ମୋର ହୀରା, ମୋର ସୁନା, ମୋର ଅନ୍ଧରଲଉଡି.. ମୁଁ ମରି ଯାଆନ୍ତି କି.. ମୋର ପିଲା କେତେ ସୁନ୍ଦର... ତୁ ତ ମୋର ଜହ୍ନର ଖଣ୍ଡେ!

ବିରବଲ ଆକବରଙ୍କୁ ଚାହିଁ କହିଲେ, ମହାରାଜ! ସୌନ୍ଦର୍ଯ୍ୟ ଦେଖୁଥିବା ଲୋକର ଆଖିରେ ସୁନ୍ଦରତା ନିହିତ। ଏହି ମାଆ ପାଇଁ ତାର ପିଲାଟି ଅଧିକ ସୁନ୍ଦର... ଅଧିକ ଧନଶାଳୀ... ଅମାପ ସମ୍ପତ୍ତି। ଆକବର ନିର୍ବାକ୍ ହୋଇଗଲେ।

*ଅରବିନ୍ଦ ନଗର, ନୟାଗଡ଼*
*ମୋ-୯୪୩୭୯୮୫୮୬୬*

# ପଗଡ଼ି ପୁରୁଷ ମଧୁସୂଦନ

*ନୀଳମଣି ଚାନ୍ଦ*



ମଧୁ ବୋଲା ନାମ ମଧୁସୂଦନ
ଉତ୍କଳ ଗୌରବ ଥିଲ ଉତ୍ତମ
ଉତ୍କଳ ମାତାର ଯୋଗ୍ୟ ନନ୍ଦନ
ଜୟନ୍ତୀ ଆସିଲେ କରୁ ବନ୍ଦନ
ରଖିଛୁ ମନେ
ଅଠେଇଶ ଏପ୍ରିଲର ଶୁଭ ଦିନେ।

ନବ ଉତ୍କଳର ବିଶ୍ୱକରମା
ଭାଷା କୋଣାର୍କର ଆହେ ଧରମା
ଥିଲା ଆମ ସୀମା ହୋଇ ଅରମା
ସଜାଡ଼ିଲ ଆହା ନଡରି ଜମା
ହେ! ବାରିଷ୍ଟର
ମହାର୍ଘ ଜୀବନ ଥିଲା ତୁମ୍ଭର।

ପାଳିବୁରେ ସ୍ୱାଭିମାନ ଦିବସ
ଭୁଲି ନାହୁଁ ପାଳୁଥାଉ ଅବଶ୍ୟ
କେ କହେ ତୁମେ ପଗଡ଼ି ପୁରୁଷ
ଆଦର୍ଶ ମଣିଷ ସଚ୍ଚା, ସରସ
ଏ ଜାତି ପାଇଁ
ତୁମ ଦାନ ଭୁଲି ହୁଅଇ ନାହିଁ।

ସତ୍ୟଭାମାପୁରେ ହେଲ ଭୂମିଷ୍ଟ
ଜାତି ପାଇଁ ସହିଲ କେତେ କଷ୍ଟ
ଲକ୍ଷ୍ୟ ପଥୁଁ ହୋଇନଥିଲ ଭ୍ରଷ୍ଟ
ତୁମରି ଆହ୍ୱାନ ଥିଲା ଯେ ସ୍ପଷ୍ଟ
ଶତାବ୍ଦୀ ସୂର୍ଯ୍ୟ
ତୁମେ ତ ଅଭୁଲା ହେ କୁଳବୃଦ୍ଧ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଉତ୍କଳ ଗୌରବ ପ୍ରିୟ ମଧୁବାବୁ...

*ରାମଚନ୍ଦ୍ର ବେହେରା*

ପିତା ରଘୁନାଥ ମାତା ପାର୍ବତୀଙ୍କ
କୋଳରେ ନେଲ ଜନମ
ଇଚ୍ଛା ଶକ୍ତି ବଳେ ଉଚ୍ଚ ଶିକ୍ଷା ଲଭି
ରାଇଜେ ରଖିଲ ନାମ।

ବାଲ୍ୟୁତ କାଳରୁ ଗୋରାଙ୍କ ବିରୁଦ୍ଧେ
ତେଜିଥିଲ ମୁକ୍ତି ସ୍ୱର
ନବ ଉତ୍କଳର ଗଠନରେ ତୁମେ
ସାଜିଥିଲ କର୍ଣ୍ଣଧାର।

ତୁମେ ଥିଲ ପରା ପ୍ରଥମ ଓକିଲ
ପୁଣି କବି ଲେଖାକାର
ତୁମ ଭାଷା ପ୍ରୀତି ଓଡ଼ିଆ ସଂସ୍କୃତି
ଦେଶେ ହେଲା ଆଗଭର।

ତୁମ ପରି ଛୋଟ ପିଲାଟିଏ ଗୀତ
ତୁମରି ମହାନ ସୃଷ୍ଟି
ଯେ ପଢେ ସେ ଗୀତ ହୁଏ ଦେଶଭକ୍ତ
ପରାଣୁ ଦୂରେଇ ଭୀତି।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉତ୍କଳବାସୀଙ୍କୁ ଯୋଡ଼େ
ରାଜ୍ୟ ବିକାଶରେ ତୁମ ସେ କବିତା
ସମୃଦ୍ଧ ଓଡ଼ିଶା ଗଢେ।

ଭୁଲି ପରିବାର ଲାଗିଥିଲ ତୁମେ
ରାଇଜ ବିକାଶ କାମେ
ସେଥିପାଇଁ ତୁମେ ବିଶ୍ୱେ ପରିଚିତ
ଉତ୍କଳ ଗୌରବ ନାମେ।

ତୁମ ଜନ୍ମଦିନ ଆସୁଅଛି ପରା
ହସୁଛି ଉତ୍କଳ ଭୂଇଁ
ଭକ୍ତି ନୈବେଦ୍ୟରେ ପୂଜିବୁ ତୁମକୁ
ତୁମରି ଆଶିଷ ପାଇଁ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ଟି-୨୦ ବିଶ୍ୱକପରେ ଡ୍ରଗ୍ସ ନେଇ ଖେଳୁଥିଲେ ମହମ୍ମଦ ନୱାଜ୍, ତଦନ୍ତ ଆରମ୍ଭ କଲା ପିସିବି

**ନୂଆଦିଲ୍ଲୀ**



ସବୁବେଳେ କିଛି ନା କିଛି କାରଣ ପାଇଁ ବିବାଦରେ ଫସିଥାନ୍ତି ପାକିସ୍ତାନୀ କ୍ରିକେଟର। ଏବେ ବିବାଦ ଘେରରେ ଫସିଛନ୍ତି ପାକିସ୍ତାନର ଅଲରାଉଣ୍ଡର ମହମ୍ମଦ ନୱାଜ୍। ସେ ଟି-୨୦ ବିଶ୍ୱକପ ସମୟରେ ଡ୍ରଗ୍ସ ନେଇ ଖେଳୁଥିବାର ଖବର ଆସିଛି। ଡ୍ରଗ୍ସ ଟେଷ୍ଟ ହୋଇଥିବାବେଳେ ମହମ୍ମଦ ନୱାଜଙ୍କ ପଜିଟିଭ୍ ଆସିଛି। ଏବେ ଘଟଣାର ତନାଘନା ଆରମ୍ଭ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ। ରିପୋର୍ଟ ଅନୁଯାୟୀ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳିଙ୍କ ନିୟମିତ ନମୁନା ନିଆଯାଇଥାଏ। ଏହି ସମୟରେ ନିଆଯାଇଥିବା ନମୁନାର ପଜିଟିଭ୍ ଆସିଥିବା ଜଣାପଡ଼ିଛି। ତେବେ ପାକିସ୍ତାନ ଗତ ଟି-୨୦ ବିଶ୍ୱକପର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମହମ୍ମଦ ନୱାଜ। ନୱାଜ ୫ ପାଳିରେ ମାତ୍ର ୧୫ ରନ କରିଥିବାବେଳେ ୭ ୱିକେଟ୍ ନେଇଥିଲେ। ଖରାପ ପ୍ରଦର୍ଶନ ପାଇଁ ଇଂରାଜୀ କାଉଣ୍ଟି କ୍ରିକେଟ କ୍ଲବ ସହ ତାଙ୍କର ଚୁକ୍ତି ବାତିଲ୍ କରାଯାଇଥିଲା।

ସେପଟେ ପାକିସ୍ତାନ ସୁପର ଲିଗ୍‌ରେ ମଧ୍ୟ ଏବେ ଭଲ ପ୍ରଦର୍ଶନ କରିବାରେ ବିଫଳ ହେଉଛନ୍ତି ନୱାଜ। ମୁଲତାନ ସୁଲତାନ ପାଇଁ ଖେଳୁଥିବାବେଳେ ଫର୍ମ ପାଇଁ ସଂଘର୍ଷ ଜାରି ରଖିଛନ୍ତି। ସେ ୮ ପାଳିରେ ମାତ୍ର ୩୬ ରନ୍ କରିଛନ୍ତି। ତେବେ ଟି-୨୦ ବ୍ଲାଷ୍ଟର ପାଇଁ ଖେଳିବା ପାଇଁ ପୂର୍ବରୁ ଏନଓସି ପାଇ ସାରିଛନ୍ତି ନୱାଜ। ମାତ୍ର ସେ ଏବେ ଏଥିରେ ଭାଗ ନେଇପାରିବେ ନାହିଁ।

# ଲକ୍ଷ୍ନୌକୁ ୪୦ ରନ୍‌ରେ ହରାଇଲା ରାଜସ୍ଥାନ

**ଲକ୍ଷ୍ନୌ**



ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୨ତମ ମ୍ୟାଚ୍‌ରେ ବୋଲରମାନେ ରାଜୁତି କରିଛନ୍ତି। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟରମାନେ ବିଫଳ ହୋଇଥିଲେ। ମିଚେଲ ମାର୍ସଙ୍କ ବ୍ୟତୀତ ରାଜସ୍ଥାନର ବୋଲରମାନଙ୍କ ଆଗରେ ଲକ୍ଷ୍ନୌର ବ୍ୟାଟରମାନେ ଆତ୍ମସମର୍ପଣ କରିଛନ୍ତି। ଲକ୍ଷ୍ନୌ ୧୮ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା। ରାଜସ୍ଥାନ ୪୦ ରନ୍‌ରେ ଏହି ମ୍ୟାଚ୍ ଜିତିଛି। ରାଜସ୍ଥାନ ପାଇଁ ଜୋଫ୍ରା ଆର୍ଚ୍ଚର ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ନନ୍ଦ୍ରେ ବର୍ଗର ଏବଂ ବ୍ରିଜେଶ ଶର୍ମାଙ୍କୁ ୨-୨ ୱିକେଟ୍ ମିଳିଥିଲା ବେଳେ ରବୀନ୍ଦ୍ର ଜାଡ଼େଜା ଓ ରବି ବିଷ୍ଣୋୟୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

୧୬୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଲକ୍ଷ୍ନୌ ବ୍ୟାଟିଂ କରିଥିଲା। ରାଜସ୍ଥାନ ଭଳି ଲକ୍ଷ୍ନୌର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ୯ ରନ୍‌ରେ ଆୟୁଷ ବଦୋନି, ୧୦ ରନ୍‌ରେ ଅଧିନାୟକ ଋଷଭ ପନ୍ତ ଏବଂ ୧୧ ରନ୍‌ରେ ଐଡେନ ମାର୍କରାମଙ୍କୁ ହରାଇଥିଲା। ଏହି ବ୍ୟାଟରମାନେ ଖାତା ଖୋଲିପାରି ନଥିଲେ। ରାଜସ୍ଥାନର ଚତୁର୍ଥ ଶିକାର ହୋଇଥିଲେ ନିକୋଲାସ ପୂରନ। ସେ ଆଉଟ୍ ହୋଇ ପାଭିଲିଅନ୍ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ।

ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମରେ ଲକ୍ଷ୍ନୌ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ରାଜସ୍ଥାନ ବ୍ୟାଟିଂ କରିଥିଲା। ଯଶସ୍ୱୀ ଜୟସ୍ୱାଲ, ବେ?ଭବ ସୂର୍ଯ୍ୟବଂଶୀ, ଧ୍ରୁବ ଜୁରେଲ, ରିୟାନ ପରାଗ, ସିମରନ ହେଟମେୟର ଭଳି ବ୍ୟାଟରମାନେ ଲକ୍ଷ୍ନୌର ବୋଲରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା। ରାଜସ୍ଥାନର ଅନ୍ୟ ବ୍ୟାଟରମାନେ ବିପର୍ଯ୍ୟୟର ସାମ୍ନା କରୁଥିଲା ବେଳେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ। ସେ ୨୯ଟି ବଲ୍ ସାମ୍ନା କରିଥିଲେ। ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ।

ରାଜସ୍ଥାନର ଆରମ୍ଭ ଭଲ ଥିଲା। କିନ୍ତୁ ହଠାତ ଟିମ୍‌ର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ସ୍କୋର ୩୨ ରନ୍‌ରେ ଦଳ ୩ଟି ମୂଲ୍ୟବାନ ୱିକେଟ୍ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଆଉଟ୍ ହୋଇଥିଲେ। ଜୟସ୍ୱାଲ ୨୨ ରନ୍, ଜୁରେଲ ଶୂନ୍ୟ ଏବଂ ବୈଭବ ୮ ରନ୍ କରିଥିଲେ। ରିୟାନ ପରାଗ ୨୦, ହେଟମେୟର ୨୨ ଏବଂ ଦୋନେଭାନ ଫେରିରିଆ ୨୦ ରନ୍ କରିଥିଲେ। ଲକ୍ଷ୍ନୌ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ରଣନୀତି ନେଇ କାମ କରିଥିଲା। ଦ୍ରୁତ ବୋଲର ମହମ୍ମଦ ସାମି, ପ୍ରିନ୍ସ ଯାଦବ ଏବଂ ମୋସିନ ଖାନ ୨-୨ଟି ୱିକେଟ୍ ମିଳିଥିଲା।

# ଐତିହାସିକ ଶତକ ସହ ଅରେଞ୍ଜ କ୍ୟାପ୍‌ର ଦାବିଦାର ହେଲେ ଅଭିଷେକ

**ହାଇଦ୍ରାବାଦ୍**



ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅପରାଜିତ ଐତିହାସିକ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆରଏଚ୍) ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ୪୭ ରନରେ ପରାସ୍ତ କରିଛି। ମ୍ୟାଚ୍‌ରେ 'ପ୍ଲେୟାର ଅଫ ଦି ମ୍ୟାଚ' ବିଜେତା ଅଭିଷେକ ଶର୍ମା ୧୩୫ ରନ୍‌ର ଏକ ରେକର୍ଡ ଇନିଂସ ଖେଳି ଅରେଞ୍ଜ କ୍ୟାପ୍ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଏହି କ୍ୟାପ ଲିଗ୍‌ରେ ସର୍ବାଧିକ ରନ କରିଥିବା ବ୍ୟାଟ୍ସମ୍ୟାନଙ୍କୁ ପ୍ରଦାନ କରାଯାଇ ଥାଏ। ପୂର୍ବରୁ ହେନରିଚ କ୍ଲାସେନଙ୍କ ହାତରେ ଏହି କ୍ୟାପ ଥିଲା। ବର୍ତ୍ତମାନ ସେ ଅଭିଷେକଙ୍କ ଠାରୁ ମାତ୍ର ୩ ରନ୍ ପଛରେ ରହିଛନ୍ତି।

ହାଇଦ୍ରାବାଦ୍ ଲାଗି ଏହା ହ୍ୟାଟ୍ରିକ ବିଜୟ ଏବଂ ସପ୍ତମ ମ୍ୟାଚ୍‌ରେ ଚତୁର୍ଥ ବିଜୟ। ଏହି ବିଜୟ ସହ ହାଇଦ୍ରାବାଦ୍ ୮ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉନ୍ନିତ ହୋଇଛି।

# ଆଇସିସି ମହିଳା ଟ୍ୱେଣ୍ଟି-୨୦ ର୍‌ୟାଙ୍କିଂ : ଉଠିଲେ ଶେଫାଳୀ, ଖସିଲେ ସ୍ମୃତି

**ମୁମ୍ବାଇ**

ଆଇସିସି ମହିଳା ଟ୍ୱେଣ୍ଟି-୨୦ ମାନ୍ୟତାରେ ଦୁଇଟି ପାହାଚ ଉପରକୁ ଉଠି ଷଷ୍ଠରେ ପହଞ୍ଚିଛନ୍ତି ଶେଫାଳୀ ବର୍ମା। ତେବେ ସ୍ମୃତି ମନ୍ଧାନା ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ପହଞ୍ଚିଛନ୍ତି। ମଙ୍ଗଳବାର ପ୍ରକାଶିତ ଆଇସିସି ମାନ୍ୟତାରେ ଅଷ୍ଟ୍ରେଲିଆର ଜର୍ଜିଆ ଭଲ୍ ପ୍ରଥମ ସ୍ଥାନରେ ସେହି ଦେଶର ବେଥ୍ ମୁନି ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ତୃତୀୟ ସ୍ଥାନରେ ୱେଷ୍ଟଇଣ୍ଡିଜ୍‌ର ହିଲି ମାଥ୍ୟୁ ଅଛନ୍ତି। ଏବେ ଜାରି ରହିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଶେଫାଳୀ ୩୮ ରନ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ୫୭ ରନ୍ କରିଥିଲେ। ଏହା ତାଙ୍କର ମାନ୍ୟତା ଅଙ୍କ ବଢାଇବାରେ ସହାୟକ ହୋଇଛି। କିନ୍ତୁ ତାଙ୍କର ଓପନିଂ ସାଥୀ ସ୍ମୃତି ମନ୍ଧାନା ଏହି ଦୁଇଟି ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ଯଥାକ୍ରମେ ୧୩ ଓ ୧୨ ରନ୍‌ରେ ଆଉଟ୍ ହୋଇଥିଲେ।



ଏହି କାରଣରୁ ସେ ଗୋଟିଏ ସ୍ଥାନ ତଳକୁ ଖସିଆସିଛନ୍ତି। ଅନ୍ୟପକ୍ଷରେ ଅଧିନାୟିକା ହରମନପ୍ରୀତ୍ ଦୁଇଟି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟ୍ୱେଣ୍ଟି-୨୦ରେ ସେ ଅପରାଜିତ ୪୭ ରନ୍ କରିଥିଲେ। ଜେମିମା ରଡ୍ରିଗ୍ସ ୪ଟି ସ୍ଥାନ ତଳକୁ ଖସି ୧୪ତମ ସ୍ଥାନରେ ଅଛନ୍ତି।

# ମାଓ ଇଲାକାରେ କ୍ରୀଡ଼ା ମଞ୍ଜି ବୁଣୁଛନ୍ତି ମାଷ୍ଟରବ୍ଲାଷ୍ଟର



**ରାୟପୁର**

ଛତିଶଗଡ଼ର ଦାନ୍ତେୱାଡ଼ା ଏକଦା ମାଓଗଡ଼ ଭାବେ ପରିଚିତ ଥିଲା। ଏବେ କିନ୍ତୁ ସ୍ୱୟଂ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ସେଠାକୁ ଯାଇ ତୃଣମୂଳସ୍ତରରେ କ୍ରୀଡ଼ା ବିକାଶ ଲାଗି ପ୍ରୟାସ ଚଳାଇଛନ୍ତି। ଅନୁନ୍ନତ ଆଦିବାସୀ ଅଞ୍ଚଳରେ କ୍ରୀଡ଼ାକୁ ମାଧ୍ୟମ କରି ଅନେକ ପୂର୍ବତନ ମାଓବାଦୀ ଓ ସେମାନଙ୍କ ପିଲାମାନଙ୍କୁ ଆନୁଷ୍ଠାନିକ ଭାବେ ସମାଜର ମୁଖ୍ୟ ସ୍ରୋତକୁ ଆଣିବାର ମହତ କାମ କରୁଛନ୍ତି। ବିଶେଷକରୀ ଯୁବଗୋଷ୍ଠୀଙ୍କୁ କ୍ରୀଡ଼ାର ମହତ୍ତ୍ୱ ବୁଝାଇ ସେମାନଙ୍କୁ ଆଗାମୀ ସମୟରେ ଦାନ୍ତେୱାଡ଼ାକୁ ଏକ କ୍ରୀଡ଼ା ହବ୍ ଭାବେ ଗଠିନ କରିବାର ସ୍ୱପ୍ନ ଦେଖିବାକୁ ପ୍ରବର୍ତ୍ତାଉଛନ୍ତି। ଏହି ସ୍ୱପ୍ନକୁ ସାକାର କରିବାର ବାଟ ମଧ୍ୟ ସଚିନ ଦେଖାଉଛନ୍ତି। ଏହିକ୍ରମରେ ଦାନ୍ତେୱାଡ଼ାରେ 'ମଇଦାନ କପ୍' ନାମରେ ଏକ ବିଶାଳ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଛି।

ଏଥିରେ କବାଡ଼ି ଓ ଦୌଡ଼କୁଦ ଭଳି ଖେଳକୁ ସାମିଲ କରାଯାଇଛି। ସଚିନଙ୍କ ପ୍ରେରଣାରେ ଏହି ପ୍ରତିଯୋଗିତାରେ ୫,୦୦୦ରୁ ଅଧିକ ପିଲା ସାମିଲ ହୋଇ ନିଜନିଜ ପ୍ରତିଭାର ପରିପ୍ରକାଶ କରିଛନ୍ତି। ସଚିନ ବୁଧବାର ଜଗଦଲପୁର ବିମାନବନ୍ଦରରେ ଓହ୍ଲାଇ ସେଠାରୁ ଦାନ୍ତେୱାଡ଼ାର ଚିନ୍ଦନାର ଗାଁ'କୁ ଯାତ୍ରା କରିଥିଲେ। ବିମାନବନ୍ଦରରେ ପତ୍ରକାରଙ୍କ ସହ କଥା ହୋଇ କହିଥିଲେ ମଇଦାନ କପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଆମେ ୫୦ଟି ସ୍କୁଲ୍‌ରେ ଖେଳ ପଡ଼ିଆର ବିକାଶ କରୁଛି। ଯାହ ମୋତେ ବ୍ୟକ୍ତିଗତ ଭାବେ ଢେର ଆତ୍ମସନ୍ତୋଷ ଦେଇଛି।

ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ କାମ କରୁଥିବା ମାନ୍ ଦେଶୀ ପ୍ରତିଷ୍ଠାନ ଏବଂ ସଚିନ ତେନ୍ଦୁଲକର ଫାଉଣ୍ଡେସନ୍‌ର ମିଳିତ ପ୍ରୟାସରେ ଏହି କାର୍ଯ୍ୟ ସେ ହାତକୁ ନେଇଥିବା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ନିକଟରେ ଛତିଶଗଡ଼ରେ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ସଫଳତାର ସହ ଆୟୋଜିତ ହୋଇସାରିଛି।

# ରାତ୍ରି କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସି ଡଭଲା ଗ୍ରାମ ଠାରେ ୪ର୍ଥ ତମ ମା' ମାହେଶ୍ୱରୀ ଦୁଇ ଦିନିଆ ରାତ୍ରି କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରିକେଟ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ଚାଷୀ ନେତା ତଥା ସମାଜସେବୀ ଭୀମସେନ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଜେପିର ସକ୍ରିୟ ସଦସ୍ୟ ଭୁବନେଶ୍ୱର ପାତ୍ର, ପଶ୍ଚିମ ଓଡ଼ିଶାର ଜଣା ଶୁଣା କୀର୍ତ୍ତକ କଳାକାର ପ୍ରାଣବନ୍ଧୁ ପାଢ଼ୀ, ଡଭଲା ଗ୍ରାମର ଯୁବକ ସଂଘ ସଭାପତି ଗୋପାଳ ଚନ୍ଦ୍ର ବାରିକ, ବିନିକା ଆଞ୍ଚଳିକ ସାମ୍ବାଦିକ ସଙ୍ଘ ସଭାପତି ସୃଜନ ପଣ୍ଡା, କ୍ରିକେଟପ୍ରେମୀ ସ୍ୱପ୍ନେଶ୍ୱର ନାଏକ ଯୋଗଦେଇ ଖେଳର ମଜା ନେବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଦୀପପାଲୀ ଓ ଖାରି ମଧ୍ୟରେ ହୋଇଥିଲା। ଦୀପପାଲୀ ଦଳ ପ୍ରଥେମେ ବ୍ୟାଟିଂ କରି ୭୯ ରନର ଟାର୍ଗେଟ ଦେଇଥିଲେ। ୭ ଓଭରରେ ୭୯ ରନ କରି ଫାଇନାଲରେ ଖାରି ଦଳ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଭାତ ନାଏକ ଓ ଅବିନାଶ ନାୟକ ସ୍କୋରର ଭାବରେ ଦାୟିତ୍ୱ ତୁଲାଇଥିଲେ। ଶଶାଙ୍କ ଶେଖର ଦାଶ ଓ ଭବାନୀ ଶଙ୍କର ଜଗଦଲା ମ୍ୟାଚ୍‌ରେ ଧାରା ବିବରଣୀ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରୁଥିଲେ। ଏହି ଦୁଇ ଦିନିଆ ମା' ମାହେଶ୍ୱରୀ ରାତ୍ରି କ୍ରିକେଟ ମ୍ୟାଚ୍‌କୁ ସଫଳ କରିବା ପାଇଁ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ।



# ଖୁବ୍‌ଶୀଘ୍ର ୩୦ରୁ ୩୫ ଖେଳାଳିଙ୍କୁ ଚୟନ କରାଯିବ : ଏକସଙ୍ଗେ ୨ଟି ଟୁର୍ଣ୍ଣାମେଣ୍ଟ ଖେଳିବେ : ବିସିସିଆଇ

**ମୁମ୍ବାଇ**

ଗତ ମାର୍ଚ୍ଚରେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଚାମ୍ପିଅନ୍ ହେବା ପରେ ଭାରତ ଖୁବ୍‌ଶୀଘ୍ର କିଛି ଭିନ୍ନ ଯୋଜନା କରିବାକୁ ଯାଉଛି। ଆଗାମୀ ଦିନ ପାଇଁ ଏକ ସଙ୍ଗେ ୨ଟି ଟୁର୍ଣ୍ଣାମେଣ୍ଟ ଖେଳିପାରିବା ଭଳି ଏକାଧିକ ଟି-ଟ୍ୱେଣ୍ଟି ଦଳ ପ୍ରସ୍ତୁତ ରଖିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ସିନିୟର ଦଳରେ ସ୍ଥାନ ହାସଲ କରିପାରିବା ଭଳି ବହୁ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ବିସିସିଆଇର କାମ ହାଲକା ହୋଇଯାଇଛି।

ଅସଲରେ କହିବାକୁ ଗଲେ ଚଳିତ ବର୍ଷ ଭାରତର ବ୍ୟସ୍ତପୂର୍ଣ୍ଣ କ୍ରିକେଟ୍ ସିଜିନ ରହିଛି। ଆଗକୁ ଏଭଳି ସମୟ ଆସୁଛି, ଯେତେବେଳେ ଭାରତ ଏକାଧିକ ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଖେଳିବ। ସେହି ସମୟ ପାଇଁ ବିସିସିଆଇ ଏବେଠୁ ୩୦ରୁ ୩୫ଜଣ ଖେଳାଳିଙ୍କୁ ନେଇ ଏକ ବିଶାଳ ଦଳ ପ୍ରସ୍ତୁତ କରିବ। ସେପ୍ଟେମ୍ବର ମାସରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତରେ ଆସି ୩ଟି ଟି-ଟ୍ୱେଣ୍ଟି ଓ ୫ଟି ଦିନିକିଆ ଖେଳିବ। ଏହି ସମୟ ମଧ୍ୟରେ ଜାପାନରେ ଏସୀୟ କ୍ରୀଡ଼ା ଆୟୋଜିତ ହେବ।

ସେପ୍ଟେମ୍ବର ମାସ ୧୯ ତାରିଖରୁ ଏସୀୟ କ୍ରୀଡ଼ା ଆରମ୍ଭ ହୋଇ ଅକ୍ଟୋବର ମାସ ୪ ତାରିଖରେ ଶେଷ ହେବ। ଭାରତ ମଧ୍ୟ ଟି-ଟ୍ୱେଣ୍ଟି ଦଳ ପଠାଇବ। ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ କ୍ରିକେଟ୍ ଅନୁଷ୍ଠିତ ହେବ। ଟି-ଟ୍ୱେଣ୍ଟି ଦଳ ଜାପାନରେ ଏସୀୟ କ୍ରୀଡ଼ା ଖେଳୁଥିବା ସମୟରେ ଦିନିକିଆ ଦଳ ଘରୋଇ ଗ୍ରାଉଣ୍ଡରେ ୱେଷ୍ଟ ଇଣ୍ଡିଜ ବିପକ୍ଷରେ ଦିନିକିଆ ସିରିଜ ଖେଳିବ। ତେବେ ବିସିସିଆଇ ଉଭୟ ଏସୀୟ କ୍ରୀଡ଼ା ଓ ୱେଷ୍ଟ ଇଣ୍ଡିଜ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ପାଇଁ ୨ଟି ଭିନ୍ନ ଦଳ ପ୍ରସ୍ତୁତ କରିବାକୁ ଚାହୁଁଛି। ଏହା ବ୍ୟତୀତ ସ୍ୱତନ୍ତ୍ର ଦିନିକିଆ ଦଳ ମଧ୍ୟ ରହିବ। ଆଇପିଏଲ୍ ଯୋଗୁଁ ବହୁ ଯୁବ ତଥା ଉଦୀୟମାନ ଖେଳାଳି ସିନିୟର ଦଳ ପାଇଁ ପ୍ରସ୍ତୁତ ହୋଇପାରୁଛନ୍ତି। ବର୍ତ୍ତମାନ ବୈଭବ ସୂର୍ଯ୍ୟବଂଶୀ ସିନିୟର ଦଳରୁ ଖେଳିବା ପାଇଁ ପ୍ରସ୍ତୁତ ଥିବା ବିସିସିଆଇ ଅନୁଭବ କରୁଛି। ହେଲେ ଦଳରେ ପୂର୍ବରୁ ଏକାଧିକ ଓପନର ରହିଛନ୍ତି। ଏହା ବ୍ୟତୀତ ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଅଙ୍ଗକ୍ରୀଶ ରଘୁବଂଶୀ, ରଜତ ପାଟିଦାର, ଦେବଦତ୍ତ ପାଡ଼ିକଲ, ଆୟୂଷ ବାଦୋନିଙ୍କ ଭଳି ଯୁବ ଖେଳାଳି ସିନିୟର ଦଳରେ ସ୍ଥାନ ପାଇବାକୁ ଅପେକ୍ଷା କରିଛନ୍ତି। ଶ୍ରେୟାସ ଆୟର, ରବି ବିଷ୍ଣୋଇ, ପ୍ରସିଦ୍ଧ କ୍ରିଷ୍ଣା, କାର୍ତ୍ତିକ ତ୍ୟାଗୀ, ଧ୍ରୁବ ଜୁରେଲ ପ୍ରମୁଖ ପ୍ରତ୍ୟାବର୍ତ୍ତନ ପାଇଁ ଚୟନକର୍ତ୍ତାଙ୍କୁ ବାଧ୍ୟ କରିସାରିଛନ୍ତି। ଚଳିତ ଆଇପିଏଲରେ ପଞ୍ଜାବର ପ୍ରଦର୍ଶନ ଦେଖିବା ପରେ ବିସିସିଆଇ ଆୟରଙ୍କୁ ଏକ ଦଳର ନେତୃତ୍ୱ ଭାର ପ୍ରଦାନ କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି।

# ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଦଳ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି। ଦଳରେ ଅଧିନାୟିକା ସଂଜିତା ଦାସ, ଉପ ଅଧିନାୟିକା ସୁନିଧି କାଶ୍ୟପ ଜେନା ସମେତ ଶୁଭସ୍ମିତା ବେହେରା, ସୋନିଆ ରାଜ, ଲକ୍ଷ୍ମୀପ୍ରିୟା ମହାନ୍ତ, ପଦ୍ମା ମିର୍ଦ୍ଧା, ଲକ୍ଷ୍ମୀ ଭଗତ, ମାନସୀ ମହାନ୍ତ, ସାଇ ଆରାଧ୍ୟା, ଚନ୍ଦ୍ରକାନ୍ତି ବେହେରା, ରଶ୍ମିରେଖା ନାୟକ, ଶୁଭଶ୍ରୀ ନାଥ, ଦିବ୍ୟାଂଶୀ ମହାନ୍ତି, ସୋମବାରୀ ମହାନ୍ତି, ନନ୍ଦିନୀ ସିଂ, ଆଦ୍ୟାଶା ମହାନ୍ତ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ଓ ଟିକି ପାତ୍ର ସାମିଲ ଅଛନ୍ତି। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ସୁନୀଲ ଜେନା ଟିମ୍ ମ୍ୟାନେଜର ଓ ସାଇବା ସିଂ କୋଚ୍ ଭାବେ ଦଳ ସହିତ ଗସ୍ତ କରିବେ। ମୟୂରଭଞ୍ଜର ପ୍ରଥମ ମ୍ୟାଚ ୨୩ ତାରିଖ ଦିନ ଜଗତସିଂହପୁର ସହିତ ଅଛି ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ବୁଧବାର ଅପରାହ୍ଣରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ତଥା କୋଚ୍ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଥିଲେ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ : ଆଗରପଡ଼ା କେସିଭିଏମ୍ ସ୍କୁଲ ଚାମ୍ପିଅନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ସଂସ୍କରଣ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଏହି ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ଆଗରପଡ଼ାର କେସିଭିଏମ୍ ସ୍କୁଲ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆଗରପଡ଼ା କେସିଭିଏମ୍ ସ୍କୁଲ ଏବଂ ଚାନ୍ଦବାଲି ଏନ୍‌ଏସି ମଧ୍ୟରେ ଖେଳାଯାଇଥିଲା। ଖେଳର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ତେବେ କେସିଭିଏମ୍ ସ୍କୁଲର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ପ୍ରତିପକ୍ଷ ଚାନ୍ଦବାଲି ଦଳକୁ ୧-୦ ଗୋଲରେ ପରାସ୍ତ କରିଥିଲେ। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଚାନ୍ଦବାଲି ଏନ୍‌ଏସି ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।



ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଧାମନଗର ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଏନଏସି ଅଧିକାରି ସନ୍ତୋଷ ନାୟକ ଓ ଅନ୍ୟମାନେ ଯୋଗ ଦେଇ ବିଜୟୀ କେସିଭିଏମ୍ ସ୍କୁଲକୁ ଚାମ୍ପିଅନ ଟ୍ରଫି ଏବଂ ରନର୍ସଅପ୍ ଚାନ୍ଦବାଲି ଏନ୍‌ଏସି ଦଳକୁ ରନର୍ସଅପ୍ କପ୍ ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ନିଜ ଅଭିଭାଷଣରେ ସେ କ୍ରୀଡ଼ାବିତ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାକୁ ଲୋକ-ଲୋଚନକୁ ଆଣିବା ପାଇଁ ଏଭଳି ଟୁର୍ଣ୍ଣାମେଣ୍ଟର ଆବଶ୍ୟକତା ରହିଛି ବୋଲି କହିଥିଲେ। ମ୍ୟାଚ୍‌କୁ ଅଭିଜ୍ଞ ରେଫରୀ ସେକ୍ ରିଆଜ କାଦ୍ରି, ସୁଶାନ୍ତ କୁମାର ବିଶ୍ୱାଳ, ମହମ୍ମଦ ଆଝାର ଏବଂ ସେକ୍ ସଲିମ ପରିଚାଳନା କରିଥିଲେ। ତେବେ ଏହି ଖେଳ ପ୍ରଚାର ପ୍ରସାର ନହେବାରୁ କ୍ରୀଡ଼ାପ୍ରେମୀଙ୍କୁ ମାନେ ପଡ଼ିଆରେ ପହଞ୍ଚି ନଥିଲେ। ସ୍ଥାନୀୟ କ୍ରୀଡ଼ା ସଂଗଠକ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟଟି ସମାପ୍ତ ହୋଇଛି।

OFFICE OF THE SUPERINTENDINGENGINEER
DEOGARH (R&B) DIVISION, DEOGARH
INVITATIONS FOR BIDS (IFB)
34001/103/2627
Letter No. 1477 Dtd. 20.04.2026
Invitation for Bids
Bid Identification No. SE PWD DGR No. 01 of 2026-27

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single cover system in ONLINE MODE only, for Electrical work as detailed below. | | |
| 2. | Nature of work | : | Electrical work |
| 3. | No. of works | : | Electrical 01 No. |
| 4. | Bid Cost. | : | Rs. 6000/- |
| 5. | Class of Contractor | : | Specialized agency actively involved in fire fighting work having MoU with associate electrical contractor (MV/HT or Above) having valid license from ELBO |
| 6. | Availability of Bid Documents in the website | : | From dt. 27.04.2026 to 17:00 hours of dt. 07.05.2026 |
| 7. | Date of Opening of Technical Bid | : | Dt. 08.05.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/- Superintending Engineer
Deogarh (R&B) Division
OIPR-34001/34061/1/26-27/0001

Government of Odisha Department of Water Resources
OFFICE OF THE SUPERINTENDING ENGINEER
GAJAPATI IRRIGATION DIVISION, PARALAKHEMUNDI
Phone/Fax: 06815-223249, Email Id: - eepkdgpt@gmail.com
32001/106/2627
e-Procurement Notice No. SE-GID- 01/2026-27

1. Nature of work : Flood protection works
2. Number of works : 05(Five)
3. Approximate amount put to tender : Rs. 36.35 Lakhs to 42.39 Lakhs
4. Period of completion : 08 Calendar months.
5. Date & Time of availability of Bid document in the portal : Dt 27.04.2026 at 10.00 Hours to 07.05.2026 at 17.30 Hours
6. Last date & time of seeking Tender Clarification : Dt 27.04.2026 at 10.00 Hours to 30.04.2026 at 13.00 Hours
7. Last date & time of receipt of Bids in the portal : Dt 07.05.2026 at 17.30 Hours
8. Date, time & Place of opening of Bid : Dt 08.05.2026 at 11.00 Hours in the Office of the Superintending Engineer, Gajapati Irrigation Division, Paralakhemundi.
9. Name & address of the officer inviting bid : Superintending Engineer, Gajapati Irrigation Division, Paralakhemundi. Dist- Gajapati in Govt, website only.
10. Any corrigendum required will be made available Govt. website only. Further details can be seen from the e-Procurement portal https://tendersodisha.gov.in

Sd/- Superintending Engineer
Gajapati Irrigation Division Paralakhemundi
OIPR-32001/32523/1/26-27/0001

# ଧର୍ମଶାଳାରେ ୬୦ ଅଭିଯୋଗ ପଞ୍ଜିକୃତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣୀ ଧର୍ମଶାଳାବ୍ଲକ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଯାଜପୁରଜିଲ୍ଲାପାଳ ଅମ୍ବରକୁମାର କର ଉପସ୍ଥିତ ରହି ଜନସାଧାରଣ ଅଭିଯୋଗ ଶୁଣାଣୀ କରିଥିଲେ। ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୩୪ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ଏହି ଶିବିରରେ ଯାଜପୁରରୋଡ୍ ଏସ୍‌ଡିପି ଓ ଶରତଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନଅଧିକାରୀ ଦେବୀପ୍ରସନ୍ନ ମହାନ୍ତି, ଉପଜିଲ୍ଲାପାଳ ତାପସରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଡାକ୍ତର ବିଜୟ କୁମାର ମିଶ୍ର, ତହସିଲଦାର ସମୀରରଞ୍ଜନ ଦାସ, ବିଡିଓ ଜ୍ୟୋତିର୍ମୟ କର, ଥାନାଅଧିକାରୀ ଚିନ୍ମୟୀସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ବହୁଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଧର୍ମଶାଳାବ୍ଲକ୍ ପରିସରରେ ଅଭିଯୋଗ ଶୁଣାଣୀ ହେଉଥିବାବେଳେ ନୂତନ ଗୃହ ନିର୍ମାଣ ଚାଲିଥିବାରୁ ପ୍ରଥମଥର ପାଇଁ ଷ୍ଟାଡିୟମ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଦୂରଦୂରାନ୍ତରୁ ଆସିଥିବା ବହୁ ବରିଷ୍ଠ ନାଗରିକ ଯିବାପାଇଁ ବାଟ ପଚାରି ପଚାରି ଚାଲିଚାଲି ଯାଉଥିବା ଦେଖାଯାଉଥିଲା।



# ବାଲେଶ୍ୱର ଜିଲ୍ଲାରେ ୩.୦୪ ଲକ୍ଷ ଚାଷୀ ପାଇଲେ ମୁଖ୍ୟମନ୍ତ୍ରୀ କିଷାନ ସହାୟତା ରାଶି

**ବାଲେଶ୍ୱର, ନ୍ୟୁଜ୍**

ଶେରଗଡ଼ ସ୍ଥିତ ସରକାରୀ ବିହନ ଫାର୍ମ ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ୨୦୨୬ ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅକ୍ଷିମୁଠି ଅନୁକୂଳ କରିଥିଲେ। ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କ୍ଷେତରେ ହଳ ବୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ,



ଜିଲ୍ଲା ପରିଷଦ ସଦସ୍ୟା କଲ୍ୟାଣୀ ବାରିକ ଏବଂ ରବି ନାରାୟଣ ମହାପାତ୍ର ଯୋଗଦାନ କରି ଦିବସର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥଲେ। କୃଷି ଓ ଆନୁସଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀ, କୃଷି ବୈଜ୍ଞାନିକ, କୃଷି ଯନ୍ତ୍ରୀ, ସାମ୍ବାଦିକ ଗଣମାନଙ୍କ ସହିତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୧୦ ରୁ ଊର୍ଦ୍ଧ୍ୱ ଚାଷୀ ଏଠାରେ ଯୋଗ ଦେଇଥିଲେ। ଚଳିତ ଖରିଫ-୨୦୨୬ ନିମନ୍ତେ ସିଏମ୍ କିଷାନ ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ହସ୍ତାନ୍ତରଣର ସିଧା ପ୍ରସାରଣ ଅଭାଷୀ ମାଧ୍ୟମରେ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ୩ ଲକ୍ଷ ୦୪ ହଜାର ୧୦୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧ ହଜାର ୫୦ ଜଣ ଭୂମିହୀନ ଚାଷୀ ଏଥିରେ ଉପକୃତ ହୋଇଥିଲେ। ସରକାରୀ କୃଷି ଅଧିକାରୀ ସଦର, ଲିଜା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୩ ଅପ୍ରେଲ, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

## ଦୁବାଇରେ ଅଟକ ଓଡ଼ିଆ ମହିଳାଙ୍କ ଉଦ୍ଧାର ମାମଲା

# ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୨/୦୪ ନ୍ୟୁଜ ବ୍ୟୁରୋ**

ଦୁବାଇରେ ବେଆଇନ ଭାବେ ବନ୍ଦୀ ଅବସ୍ଥାରେ ଏକ ଭିଲ୍ଲାରେ ରଖାଯାଇଥିବା ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପୀଡ଼ିତ ମହିଳାଙ୍କୁ ଉଦ୍ଧାର ପାଇଁ ଟିଟିଲାଗଡ଼ ଅଞ୍ଚଳର ଜଣେ ସାମାଜିକ କର୍ମୀ ରଞ୍ଜୁ ରାଇମନ ଦାୟର କରିଥିବା ହେବିୟସ କର୍ପସ ପିଟିସନର ହାଇକୋର୍ଟରେ ଶୁଣାଣି ସମୟରେ ଓଡ଼ିଶାର ଜଣେ ନାଗରିକ ବିଦେଶରେ ବେଆଇନ ଭାବେ ଅଟକ ରହିଥିବା ଦର୍ଶାଯାଇଥିଲା। ଏହି ପ୍ରସଂଗରେ କେନ୍ଦ୍ର ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ବଳିଷ୍ଠ ନଥିପତ୍ରର ଅନୁପସ୍ଥିତିରେ ଫଳପ୍ରଦ ପଦକ୍ଷେପ ଗ୍ରହଣ ସୁନିଶ୍ଚିତ କରାଯାଇ ପାରୁ ନାହିଁ। ଆଗାମୀ କାର୍ଯ୍ୟାନୁଷ୍ଠାନ ପାଇଁ ପାସପୋର୍ଟ ସମେତ ପୀଡ଼ିତାଙ୍କ ସବିଶେଷ ତଥ୍ୟ ପ୍ରଦାନ କରାଯିବା ଆବଶ୍ୟକ। ବଲାଙ୍ଗୀର ଡିଏସପି ପୀଡ଼ିତାଙ୍କ ପାସପୋର୍ଟର ଫଟୋକପି ପାଇଥିବା ନେଇ ତାଙ୍କ ଅଭିଭାବକଙ୍କୁ କହିଥିଲେ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଡିଏସପିଙ୍କ ନିକଟରେ ଥିବା ଏ ସଂପର୍କିତ ସମସ୍ତ ନଥିପତ୍ର ଡେପୁଟି ସଲିସିଟର ଜେନେରାଲ ଅଫ ଇଣ୍ଡିଆ (ଡିଏସଜିଆଇ)ଙ୍କ ନିକଟକୁ ପଠାଇବା ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ନଥିପତ୍ର ହସ୍ତଗତ ହେବା ପରେ ପୀଡ଼ିତାଙ୍କୁ ସ୍ୱଦେଶକୁ ଫେରାଇ ଆଣିବାକୁ ଡିଏସଜିଆଇ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମାଧ୍ୟମରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ହେବିୟସ କର୍ପସ ପିଟିସନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମେ ୧୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ତିନୋଟି ସନ୍ତାନର ଜନନୀ ପୀଡ଼ିତାଙ୍କୁ ତାଙ୍କ ସ୍ୱାମୀ ମୁମ୍ବାଇରେ ଜଣେ ମହିଳାଙ୍କୁ ବିକ୍ରି କରିଦେଇଥିବା ଅଭିଯୋଗ ରହିଛି। ସଂପୃକ୍ତ ମହିଳା ପୀଡ଼ିତାଙ୍କୁ ଦୁବାଇ ନେଇ ଯାଇ ସେଠାରେ ଜଣେ ସେଖ୍‌ଙ୍କୁ ବିକ୍ରି କରି ଦେଇଥିଲେ। ଏହାପରେ ଦୁବାଇର ଏକ ଭିଲ୍ଲାରେ ମହିଳାଙ୍କୁ ଏକ ପ୍ରକାର ବନ୍ଦୀ ଅବସ୍ଥାରେ ଅଟକ ରଖାଯାଇଛି। ପୀଡ଼ିତାଙ୍କ ଠାରୁ ତାଙ୍କ ପାସପୋର୍ଟ ଓ ଭିସା ଛଡ଼ାଇ ନିଆଯାଇଛି। ନିକଟରେ ପୀଡ଼ିତା ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଭିଡିଓ କ୍ଲିପ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରାଇ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହି ଭିଡିଓରେ ବୁର୍ଜ ଖଲିଫା କୋଠା ମଧ୍ୟ ଦୃଶ୍ୟମାନ ହୋଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୀଡ଼ିତାଙ୍କ ବାପା ଟିଟିଲାଗଡ଼ ଥାନାରେ ଏତଲା ଦେବା ସହିତ ପୀଡ଼ିତାଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏତଲା ପଞ୍ଜୀକରଣ ହୋଇ ନଥିଲା। ଏହାପରେ ପୀଡ଼ିତାଙ୍କ ପରିବାର ତରଫରୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଓ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଅନ୍ୟପକ୍ଷରେ ପୀଡ଼ିତାଙ୍କ ତିନି ପିଲା ଅଜାଙ୍କ ପାଖରେ ରହି ମା'କୁ ଅପେକ୍ଷା କରି ରହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ଯାଞ୍ଚ ପରେ ଆଇଆଇଟି ମାଡ୍ରାସର ରିପୋର୍ଟ ପ୍ରକାଶ

# କୋଣାର୍କ ମନ୍ଦିରର ଭିତର ବାଲି ସୁରକ୍ଷିତ

**କୋଣାର୍କ, ୨୨/୦୪ ନ୍ୟୁଜ ବ୍ୟୁରୋ**

କୋଣାର୍କ ସୂର୍ଯ୍ୟମନ୍ଦିରର ଭିତର ବାଲି ସୁରକ୍ଷିତ । ବାଲି କାଢ଼ିଲେ ମନ୍ଦିରକୁ ବିପଦ ନାହିଁ । ଏନେଇ ରିପୋର୍ଟ ଦେଇଛି ଆଇଆଇଟି ମାଡ୍ରାସ୍ । ହେରିଟେଜ୍ ସାଇଟର ଭିତରେ ଥିବା ବାଲି ସମ୍ପୂର୍ଣ୍ଣ ସୁରକ୍ଷିତ । ତେଣୁ ଖୁବ୍‌ଶୀଘ୍ର ବାଲି କଢ଼ା ପ୍ରକ୍ରିୟା ଆରମ୍ଭ ହେବ । ଏଥିପାଇଁ ସମସ୍ତ ବୈଷୟିକ କାର୍ଯ୍ୟ ଶେଷ ହୋଇଛି ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଗତ ବର୍ଷ ଡିସେମ୍ବର ମାସରେ ସୂର୍ଯ୍ୟମନ୍ଦିରର ପଶ୍ଚିମ ପାଖ କାନ୍ଥରେ ଡ୍ରିଲିଂ କରାଯାଇ ବାଲିର ନମୂନା ସଂଗ୍ରହ କରାଯାଇଥିଲା । ଉକ୍ତ ବାଲିକୁ ସେହି ମାସ ୮ ତାରିଖରେ ପରୀକ୍ଷା ପାଇଁ ଆଇଆଇଟି ମାଡ୍ରାସକୁ ପଠାଇଥିଲା । ସେଠାରେ ଯାଞ୍ଚ ପରେ ଭିତର ବାଲି ପୂର୍ବପରି ସୁରକ୍ଷିତ ଥିବା ରିପୋର୍ଟ ପ୍ରକାଶ ପାଇଛି । ବାଲି କାଢ଼ିଲେ କୋଣାର୍କ ମନ୍ଦିରକୁ କୌଣସି ବିପଦ ନାହିଁ ବୋଲି ବିଶେଷଜ୍ଞ କହିଛନ୍ତି। ସେପଟେ ରିପୋର୍ଟ ଆସିବା ପରେ ଏଏସଆଇ ପକ୍ଷରୁ ବାଲି କାଢ଼ିବା ନେଇ ଚୂଡ଼ାନ୍ତ କରାଯାଇଛି । ସେକ୍ସନ୍ ଡ୍ରଇଂ ଅନୁଯାୟୀ, ସୂର୍ଯ୍ୟମନ୍ଦିରର ୮୦ ଫୁଟ ଉଚ୍ଚରେ ପଶ୍ଚିମ ପାର୍ଶ୍ୱ କାନ୍ଥରେ ୯ ଫୁଟ ଚଉଡ଼ାରେ ପଥର କଟାଯାଇ ଭିତରକୁ ପ୍ରବେଶ ପାଇଁ



ଟନେଲ୍ ନିର୍ମାଣ କରାଯିବ। ସୁରକ୍ଷା ଦୃଷ୍ଟିରୁ ଟନେଲ୍ ମଧ୍ୟରେ କୌଣସି ମଣିଷ ପ୍ରବେଶ କରିବେ ନାହିଁ। ଏହା ମଧ୍ୟକୁ ସ୍ୱୟଂଚାଳିତ ରୋବୋଟିକ୍ ଟ୍ରଲି ପ୍ରବେଶ କରି ଗର୍ଭଗୃହରୁ ବାଲି ସଂଗ୍ରହ କରି ତଳକୁ ଅଣାଯିବ। ଏନେଇ ସମସ୍ତ ମେକାନିକାଲ୍ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ବାଲିକୁ ପର୍ଯ୍ୟାୟ କ୍ରମେ ମନ୍ଦିର ପାଦଦେଶକୁ ଅଣାଯାଇ ସେଠାରୁ ପାଇପ୍ ସାହାଯ୍ୟରେ ମନ୍ଦିରର ଉତ୍ତର-ପଶ୍ଚିମ କୋଣରେ ସୁରକ୍ଷିତ ରଖାଯିବ । ଏହା ବରିଷ୍ଠ ବିଶେଷଜ୍ଞଙ୍କ ଉପସ୍ଥିତିରେ କରାଯିବ ବୋଲି ଏଏସ୍‌ଆଇର ଉପଅଧିକ୍ଷକ ଚିତ୍ତରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ୪ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ

## ଏପିକେ ଫାଇଲ ପଠାଇ ଠକୁଥିଲେ : ଜାମତାରାରୁ ହେଉଥିଲା ଅପରେଟ୍

**ଭୁବନେଶ୍ୱର, ୨୨/୦୪ ନ୍ୟୁଜ ବ୍ୟୁରୋ**

ଆରଟିଓ ଚାଲାଣ ଭରିବାକୁ ଗାଡି ମାଲିକଙ୍କୁ ପଠାଉଥିଲେ ହ୍ୱାଟ୍ସଆପ୍ ମେସେଜ୍। ଆଣ୍ଡ୍ରଏଡ୍ ପ୍ୟାକେଜ କିଟ୍ (ଏପିକେ) ଫାଇଲ ଲିଙ୍କ୍ ପଠାଇ ଡାଉନଲୋଡ କରିବାକୁ କହୁଥିଲେ। ଏହି ଫାଇଲକୁ ଲୋକେ କ୍ଲିକ୍ କରିବା ପରେ ବ୍ୟାଙ୍କ ଆକାଉଣ୍ଟରୁ କଟିଯାଉଥିଲା ଟଙ୍କା। ଏଭଳି ଠକେଇରେ ସମ୍ପୃକ୍ତ ଥିବା ୪ ଜଣ ସାଇବର ଅପରାଧୀଙ୍କୁ ତେଲେଙ୍ଗାନାରୁ କମିଶନରେଟ୍ ପୋଲିସ ଗିରଫ କରିଛି। ବୁଧବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ଏହି ଠକେଇର ରହସ୍ୟ ଉନ୍ମୋଚନ କରିଛନ୍ତି।




ଗିରଫ ଅଭିଯୁକ୍ତମାନେ ହେଲେ ତେଲେଙ୍ଗାନା ଆଲିଗଡ ଅଞ୍ଚଳର ମହମ୍ମଦ ଆବାସ୍ (୩୭), ମହମ୍ମଦ ସଲମନ (୨୯), ମହମ୍ମଦ ଆମୀର (୩୧) ଓ ଝାଡ଼ଖଣ୍ଡ ଜାମତାରାର ମାଷ୍ଟରମାଇଣ୍ଡ ମୁକେଶ ତୁରି (୨୭)। ସେମାନଙ୍କ ଠାରୁ ୬ ମୋବାଇଲ, ୧୧ ଡେବିଟ୍ କାର୍ଡ, ଫ୍ଲାଇଟ ଟିକେଟ୍ ଆଦି ଜବତ ହୋଇଛି। ଏଥିସହ ଏକ ବ୍ୟାଙ୍କ ଆକାଉଣ୍ଟରେ ଠକେଇ ଟଙ୍କାର ୩ ଲକ୍ଷ ଫ୍ରିଜ୍ କରାଯାଇଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଟିମ୍ ଦ୍ୱାରା ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ବୁଧବାର ସମସ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାଷ୍ଟରମାଇଣ୍ଡ ମୁକେଶ ଏହି ଗ୍ୟାଙ୍ଗକୁ ଚଳାଉଥିଲା।

# କିମ୍ସରେ ବିରଳ ଅସ୍ତ୍ରୋପଚାର: ସଳଖିଲା ବଙ୍କା ମେରୁଦଣ୍ଡ

**ଭୁବନେଶ୍ୱର, ୨୨।୪ ନ୍ୟୁଜ ବ୍ୟୁରୋ**

ମୁଣ୍ଡ ସବୁବେଳେ ତଳକୁ ନଇଁଲା ଭଳି ରହୁଥିଲା, ଉପରକୁ ଚାହିଁ ପାରୁ ନ ଥିଲେ, ଠିକ ଭାବେ ଖାଇ ପାରୁ ନ ଥିଲେ କି ଶୋଇ ପାରୁନଥିଲେ। ଏବେ କିମ୍ସ ତାଙ୍କୁ ଦେଇଛି ନୂଆ ଜୀବନ। ଚିକିତ୍ସା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଓଡ଼ିଶାର କିମ୍ସ ହସ୍ପିଟାଲର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ନୂଆ ଜୀବନ ପାଇଛନ୍ତି ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ। ସୁଜିତଙ୍କଠାରେ ହୋଇଥିବା ବିରଳ ଓ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି। ଭାରତର ଅଳ୍ପ କେତେକ ଉଚ୍ଚସ୍ତରୀୟ ହସ୍ପିଟାଲରେ ସମ୍ଭବ ହେଉଥିବା ଏ ପ୍ରକାର ଅସ୍ତ୍ରୋପଚାର ଏବେ ଭୁବନେଶ୍ୱରର କିମ୍ସରେ ସମ୍ଭବ ହୋଇପାରିଛି। ସୂଚନା ଯୋଗ୍ୟ, କଟକ ଜିଲ୍ଲା ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଜଟିଳ ରୋଗରେ ପୀଡ଼ିତ ଥିଲେ। ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ଼ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା। ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ ରହୁଥିଲା। ସେ ଉପରକୁ ଚାହିଁ ପାରୁନଥିଲେ, ଠିକ ଭାବେ ଖାଇ ପାରୁନଥିଲେ, ଶୋଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଆର୍ଥିକ ଅସୁବିଧା କାରଣରୁ ରାଜ୍ୟ ବାହାରେ ଚିକିତ୍ସା ସମ୍ଭବ ହୋଇନଥିଲା। ପରେ ବନ୍ଧୁମାନଙ୍କ ପରାମର୍ଶରେ ସେ କିମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲର ବରିଷ୍ଠ ସ୍ପାଇନ୍ ସର୍ଜନ ଡା ଜିତେନ୍ଦ୍ର କୁମାର ରାଉତ ଏହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲେ ମଧ୍ୟ ଡା ରାଉତ ତାହା ସଫଳତାର ସହ ସମ୍ପନ୍ନ କରିଥିଲେ। ଡା ରାଉତଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦୀର୍ଘ ୮ ଘଣ୍ଟା ଧରି ପରିଶ୍ରମ କରି ଅସ୍ତ୍ରୋପଚାରକୁ ସଫଳ କରିଥିଲେ। ଅସ୍ତ୍ରୋପଚାର ପରେ ସୁଜିତ ନାୟକ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ସିଧା ହୋଇ ବସିପାରୁଛନ୍ତି, ମୁଣ୍ଡ ଉଠାଇ ସବୁଦିଗ ଦେଖିପାରୁଛନ୍ତି ଏବଂ ଠିକ ଭାବେ ଖାଇପାରୁଛନ୍ତି । ଏହି ଅସ୍ତ୍ରୋପଚାର ପାଇଁ ସୁଜିତ କିମ୍ସର ଡାକ୍ତର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏକ ଅତ୍ୟନ୍ତ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ଥିଲେ ମଧ୍ୟ କିମ୍ସ ଉପଲବ୍ଧ ଅତ୍ୟାଧୁନିକ ଯନ୍ତ୍ରପାତି, ଚିକିତ୍ସା ପଦ୍ଧତି ଓ ଡାକ୍ତରୀଦଳର ଟିମ୍ ୱାର୍କ ଯୋଗୁଁ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉକ୍ତ ରୋଗୀଙ୍କ ଆରୋଗ୍ୟ କାମନା କରିବା ସହ ଏହି ଅସ୍ତ୍ରୋପଚାରରେ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।









ଭୁବନେଶ୍ୱର : ପଳାଶୁଣୀ ଓଭର ବ୍ରିଜ୍ ଉପରେ ବୁଧବାର ଏକ ଟ୍ରକ୍ ଜଳି ଯାଇଛି। ଅପରାହ୍ଣ ପ୍ରାୟ ୩ଟାରୁ ରାତ୍ର ୯ ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। (ଫଟୋ : ସମ୍ବାଦ କଳିକା)

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୨/୦୪/୨୦୨୬
୪,୭୦,୯୨୭/- ଟଙ୍କା
ସୁନା:-୦୧ଗ୍ରାମ୍୧୦୦ ମିଲିଗ୍ରାମ
ରୂପା:-୧୫ଗ୍ରାମ୍

## ଏସ୍‌ସିବି ମେଡିକାଲ ବିଲ୍ଡିଂରୁ ଖସିଲା ସିଲିଂ : ଅଳ୍ପକେ ବର୍ତ୍ତିଲେ ରୋଗୀ

**କଟକ, ୨୨/୦୪ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ ବିଲ୍ଡିଙ୍ଗରୁ ଖସିଲା ସିଲିଂ । ସୈଭାଗ୍ୟବସତଃ କାହାର କିଛି କ୍ଷତି ହୋଇନାହିଁ । ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗ ରୋଗୀ ପାଇଖାନାରେ ଘଟିଛି ଏହି ଅଘଟଣ । କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପୂର୍ତ୍ତ ବିଭାଗ। କେବଳ ନୂଆ ଘର ଚିନ୍ତାରେ ଅଧିକାରୀ, ହେଲେ ପୁରୁଣା ଘର ରକ୍ଷଣାବେକ୍ଷଣ କରାଯାଉ ନଥିବା ଅଭିଯୋଗ ହୋଇଛି । ଦୂରବସ୍ଥା ଯୋଗୁ ସିଲିଂ ଖସିପଡ଼ିଛି। ଜଣା ନପଡ଼ିବା ଲାଗି ଉକ୍ତ ସ୍ଥାନକୁ କପଡା ମାରି ଘେରି ଦିଆଯାଇଛି । ଯଦିଓ ଏହି ଘଟଣାରେ କାହାରି କିଛି ହୋଇନାହିଁ କିନ୍ତୁ ରୋଗୀ ବାଥ୍ ରୁମ୍‌ରେ ଥିଲେ ହୁଏତ ବଡ଼ ଅଘଟଣ ହୋଇଥାନ୍ତା। ନିକଟରେ ପୁରୁଣା ମେଡିସିନ୍ ୱାର୍ଡରୁ ଆଗରୁ ଛାତରୁ କଂକ୍ରିଟ ଅତଡ଼ା ଖସିଥିଲ। । କେତେବେଳେ ପୁଣି ରୋଗୀ ଷ୍ଟ୍ରେଚରରୁ ଖସି ପଡ଼ିବା ଭଳି ଅଘଟଣ ମଧ୍ୟ ଘଟିଥିଲା।

# ଓଡ଼ିଶା ପର୍ଯ୍ୟଟନର ନୂଆ ପରିଚୟ: ନୂଆ ଟ୍ୟାଗଲାଇନ୍ ଉନ୍ମୋଚିତ

**ପୁରୀ, ୨୨/୦୪ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଧବାର ଏକ ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗଲାଇନ୍ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ ଓଡ଼ିଶା' ଉନ୍ମୋଚିତ ହୋଇଯାଇଛି। ରାଜ୍ୟର ପର୍ଯ୍ୟଟନକୁ ଏକ ଅନୁଭୂତି-ଭିତ୍ତିକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ। ଭିଜନ ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ଭିଜନ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ଓଡ଼ିଶା ଏବେ ଏକ 'ଲୁକ୍କାୟିତ ରତ୍ନ'ରୁ ପରିବର୍ତ୍ତିତ ହୋଇ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପର୍ଯ୍ୟଟନ ହବ୍ ଭାବେ ଉଭା ହୋଇଛି। ଏହି ଅବସରରେ ପୁରୀର ତାଜ୍ ରିସୋର୍ଟ ଆଣ୍ଡ ସ୍ପା ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଓଏମ୍‌ସି ପୁରୀ କୋଷ୍ଟାଲ ମାରାଥନ' ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗର କମିସନର ତଥା ସଚିବ ବଲୱନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ଏବେ ଏକ ଉଚ୍ଚ-ପ୍ରଦର୍ଶନକାରୀ ପର୍ଯ୍ୟଟନ ଅର୍ଥନୀତି ଆଡ଼କୁ ଗତି କରୁଛି । ନୂଆ ଟ୍ୟାଗଲାଇନ୍ ବିଶ୍ୱବାସୀଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମାଧ୍ୟମରେ ଭାରତକୁ ପୁନଃ ଆବିଷ୍କାର କରିବାକୁ ନିମନ୍ତ୍ରଣ କରିବ।

ଏହି ଅବସରରେ ଲୋଗୋ ଉନ୍ମୋଚନ ପୂର୍ବରୁ ବ୍ଲୁ-ଫ୍ଲାଗ୍ ବିଚ୍‌ରୁ ତାଜ୍ ରିସୋର୍ଟ ପର୍ଯ୍ୟନ୍ତ ଏକ ସାଙ୍କେତିକ ଦୌଡ଼ର ଆୟୋଜନ କରାଯାଇଥିଲା। ବେଳାଭୂମିରେ ଏକ ସୁନ୍ଦର ବାଲୁକା କଳା ମାଧ୍ୟମରେ ମାରାଥନର ଅଫିସିଆଲ୍ ଲୋଗୋ ପ୍ରଦର୍ଶିତ ହୋଇଥିଲା। ବୁଧବାର ଠାରୁ ମାରାଥନ ପାଇଁ ଅଫିସିଆଲ୍ ୱେବସାଇଟ୍ ଜରିଆରେ ପଞ୍ଜିକରଣ ଆରମ୍ଭ ହୋଇଛି ।

ପୁରୀର ସୁନ୍ଦର ସମୁଦ୍ର କୂଳରେ ଅନୁଷ୍ଠିତ ହେବାକୁ ଥିବା ଏହି ମାରାଥନ ଦେଶର ଅନ୍ୟତମ ବଡ଼ କ୍ରୀଡ଼ା ଆୟୋଜନ ଭାବେ ଗଣାଯିବ। ଏହାର ଲୋଗୋରେ ଓଡ଼ିଶାର ପତିତପାବନ ବାନା, କୋଣାର୍କ ଚକ୍ର ଏବଂ ବଙ୍ଗୋପସାଗରର ଲହଡ଼ିକୁ ସ୍ଥାନ ଦିଆଯାଇଛି, ଯାହା ଗତିଶୀଳତା ଏବଂ ଶକ୍ତିର ପ୍ରତୀକ।

# ଭିଜିଲାନ୍ସ ଜାଲରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର

**ଝାରସୁଗୁଡ଼ା, ୨୨/୦୪ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଆଉ ଜଣେ ବାବୁ । ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର ଅନିତ ଗୁରୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବଡ଼ ଧରଣର ଭିଜିଲାନ୍ସ ଚଢ଼ଉ କରାଯାଇଥିବାବେଳେ ସେ ଧରାପଡ଼ିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର ଅନିତ କୁମାର ଗୁରୁଙ୍କୁ ୨,୫୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପିଏଚ୍‌ସି ଏବଂ ସିଏଚ୍‌ସି ସ୍ତରରେ ପ୍ରାକ୍ଟିକାଲ ଟ୍ରେନିଂ ପାଇଁ ଅନୁମତି ଦେବା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଥିଲା। ଏହି କାର୍ଯ୍ୟ ପାଇଁ ଅନିତ ଜଣେ ନର୍ସିଂ ସ୍କୁଲ ଶିକ୍ଷକଙ୍କୁ ଦୀର୍ଘ ଦିନ ଧରି ହଇରାଣ କରିବା ସହ ୨,୫୦୦ ଟଙ୍କା ଲାଞ୍ଚ ଦାବି କରିଆସୁଥିଲେ । ପୂର୍ବରୁ ମଧ୍ୟ ଜିଲ୍ଲାର ଅନ୍ୟ ନର୍ସିଂ ସ୍କୁଲଗୁଡ଼ିକୁ ସମାନ ଢଙ୍ଗରେ ହଇରାଣ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଲାଞ୍ଚ ଦାବିରେ ଅତିଷ୍ଠ ହୋଇ ସମ୍ପୃକ୍ତ ଶିକ୍ଷକ ଜଣକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ ।

ପୂର୍ବ ଯୋଜନା ଅନୁଯାୟୀ ବୁଧବାର ଅପରାହ୍ନରେ ଅଫିସର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା । ତାଙ୍କ ନିକଟରୁ ସମସ୍ତ ଚିହ୍ନିତ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହି ଟ୍ରାପ୍ ପରେ ଭିଜିଲାନ୍ସ ପକ୍ଷରୁ ଅନିତଙ୍କ ସହ ଜଡ଼ିତ ଦୁଇଟି ପୃଥକ ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଚଢ଼ଉ ଜାରି ରହିଛି । ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନଂ ୦୨, ତା-୨୨.୦୪.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଖୁବ୍‌ଶୀଘ୍ର ଲାଗୁ ହୋଇପାରେ ଗାଡ଼ି ପୃଥକୀକରଣ ନିୟମ : ଓଡ଼ିଶାରୁ ହଟିବ ୮ ଲକ୍ଷ ଗାଡ଼ି

**କଟକ,୨୨/୦୪ ନ୍ୟୁଜ ବ୍ୟୁରୋ**

ଗାଡ଼ି ପୃଥକୀକରଣ ବା ଭେଇକିଲ୍ କ୍ଲାସିଫିକେସନ୍ ନିୟମ ଆଣିଛନ୍ତି କେନ୍ଦ୍ର ସରକାର । ଏହି ନିୟମ ଅନୁସାରେ ଗାଡ଼ିଗୁଡ଼ିକର ସ୍ଥିତି ଅନୁସାରେ ଚାରି ଭାଗରେ ବିଭକ୍ତ କରାଯିବ । ଯଦି ଏହି ପୃଥକୀକରଣ ନିୟମ ଓଡ଼ିଶାରେ ଲାଗୁ କରାଯାଏ ତେବେ ରାସ୍ତାରୁ ୮ ଲକ୍ଷ ଗାଡ଼ି ହଟିଯିବ । କେନ୍ଦ୍ର ସରକାରଙ୍କ ଏଭଳି ନୀତିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ (ପିୟୁସିସି)ର କଷ୍ଟ ସାଧାରଣ ଲୋକେ ଭୁଲି ନଥିବାବେଳେ ଏବେ ଏହି ନିୟମ ଯଦି ଲାଗୁହୁଏ ତାହେଲେ ସେମାନେ ପୁଣି ଯନ୍ତ୍ରଣା ଭିତରକୁ ଠେଲି ହୋଇଯିବେ । ବିଭିନ୍ନ କାଗଜପତ୍ର ପାଇଁ ସେମାନେ ପୁଣି ଆରଟିଓ ଅଫିସ୍ ଆଗରେ ଧାଡ଼ି ଲଗାଇବେ । ଯାହାର ଗାଡ଼ି ରାସ୍ତାରେ ଚାଲିବା ପାଇଁ ଅଯୋଗ୍ୟ ଘୋଷିତ ହେବ ତାକୁ ପୁଣି ଏକ ନୂଆ ଗାଡ଼ି କିଣିବା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ।

କେନ୍ଦ୍ର ସଡ଼କ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇ ବାହନ ପୋର୍ଟାଲରେ ଗାଡ଼ି ପୃଥକୀକରଣ ବା ବର୍ଗୀକରଣ ପାଇଁ ଡାଟାବେସ୍ ପ୍ରସ୍ତୁତ କରିବାକୁ କୁହାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି କେଉଁ ଗାଡ଼ିର ସ୍ଥିତି କ'ଣ ରହିଛି ଏବଂ ସେହି ସ୍ଥିତି ଅନୁସାରେ ଗାଡ଼ିଗୁଡ଼ିକ ରାସ୍ତାରେ ଗଡ଼ିବ କି' ନାହିଁ ତାହା ସ୍ଥିର କରାଯିବ । ଗାଡ଼ିଗୁଡ଼ିକୁ ଚାରିଟି ଭାଗ ଯଥା ଆକ୍ଟିଭ୍ କମ୍ପ୍ଲାଣ୍ଟ, ଆକ୍ଟିଭ୍ ନନ୍-କମ୍ପ୍ଲାଣ୍ଟ, ଟେମ୍ପରାରି ଆରକାଇଭ୍ ଏବଂ ପରମାନେଣ୍ଟ ଆରକାଇଭ୍ । ନିୟମ ଅନୁସାରେ ଯଦି କୌଣସି ଗାଡ଼ିର ପିୟୁସିସି କିମ୍ବା ଇନସ୍ୟୁରାନ୍ସ ମଧ୍ୟରୁ କୌଣସି ଗୋଟିଏର ବୈଧତା ନଥିବ ତାହା ଏହି ଆକ୍ଟିଭ୍ କମ୍ପ୍ଲାଣ୍ଟ ପର୍ଯ୍ୟାୟଭୁକ୍ତ ରହିବେ । ଯେଉଁ ଗାଡ଼ିର ଦୁଇବର୍ଷ ଧରି ଏହି ଦୁଇଟି ଯାକ ସାର୍ଟିଫିକେଟ୍ ବୈଧ ନଥିବ ତାହା ଆକ୍ଟିଭ୍ ନନ୍‌କମ୍ପ୍ଲାଣ୍ଟ ପର୍ଯ୍ୟାୟଭୁକ୍ତରେ ଆସିବ । ଯେଉଁ ଗାଡ଼ିଗୁଡ଼ିକର ୨ବର୍ଷରୁ ଅଧିକ ଏବଂ ୩ବର୍ଷରୁ କମ୍ ପିୟୁସିସି ଏବଂ ଇନସ୍ୟୁରାନ୍ସର ବୈଧତା ନଥିବ ସେହି ଗାଡ଼ିଗୁଡ଼ିକ ଟେମ୍ପରାରି ଆରକାଇଭି ଓ ଯେଉଁ ଗାଡ଼ିର ତିନିବର୍ଷରୁ ଅଧିକ ସମୟ ଧରି ପିୟୁସିସି ଏବଂ ଇନସ୍ୟୁରାନ୍ସ ସହ ଅନ୍ୟ କୌଣସି କାଗଜପତ୍ର ନଥିବ ଉକ୍ତ ଗାଡ଼ିକୁ ପରମାନେଣ୍ଟ ଆରକାଇଭ୍‌କୁ ପଠଯିବ । ଅର୍ଥାତ୍ ଏହି ଗାଡ଼ି ଆଉ ନାହିଁ ବୋଲି ସରକାର ଗ୍ରହଣ କରିନେବେ । ଫଳରେ ଏହି ବର୍ଗର ଗାଡ଼ି ଆଉ ରାସ୍ତାରେ ଗଡ଼ିପାରିବ ନାହିଁ । ଅଣବାଣିଜ୍ୟକ (ନନ୍ କମର୍ସିଆଲ୍) ଗାଡ଼ି, ଯାହାର ଆୟୁଷ ୧୫ବର୍ଷରୁ ଅଧିକ ହୋଇଥିବ ସେହିଭଳି ଗାଡ଼ିଗୁଡ଼ିକର ଯଦି ପିୟୁସିସି ଏବଂ ଇନସ୍ୟୁରାନ୍ସ ନଥିବ ତାହା ମଧ୍ୟ ସ୍ଥାୟୀ ଆରକାଇଭ୍‌କୁ ଚାଲିଯିବେ । ଯାହାକି ସ୍କ୍ରାପ୍ ସହ ସମାନ । କିନ୍ତୁ ବାଣିଜ୍ୟକ ଗାଡ଼ିଗୁଡ଼ିକ ଯଦି ଦୁଇ ବର୍ଷ ଭିତରେ ଫିଟ୍‌ନେସ୍, ବୀମା କିମ୍ବା ପିୟୁସିସି କରିନଥିବେ ଏହା ଅସ୍ଥାୟୀ ଆରକାଇଭିକୁ ଚାଲିଯିବ ।



ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ପିୟୁସିସି, ଇନସ୍ୟୁରାନ୍ସ ନଥିବା ଗାଡ଼ି ସଂଖ୍ୟା ୮ଲକ୍ଷରୁ ଅଧିକ। ଯଦି କେନ୍ଦ୍ର ସରକାରଙ୍କ ଏହି ନିୟମକୁ କଡ଼ାକଡ଼ି ଭାବେ ରାଜ୍ୟ ସରକାର ଲାଗୁକରନ୍ତି ତାହେଲେ ଏହି ୮ଲକ୍ଷ ଗାଡ଼ି ସ୍ଥାୟୀ ଆରକାଇଭିକୁ ଚାଲିଆସିବ । ଅର୍ଥାତ୍ ଏହି ଗାଡ଼ିଗୁଡ଼ିକ ଆଉ ରାସ୍ତାରେ ଚାଲିପାରିବ ନାହିଁ । ଏ ସଂକ୍ରାନ୍ତରେ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସ୍ଥାୟୀ ଆରକାଇଭ୍‌କୁ ଯାଇଥିବା ଗାଡ଼ି ପାଇଁ ବି ବାଟ ଅଛି । ଏହି ଗାଡ଼ିମାଲିକଙ୍କୁ ସିଧାସଳଖ ଏସ୍‌ଟିଏ କମିସନରଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। କାହିଁକି ଏତେବର୍ଷ ଧରି ଗାଡ଼ିର କୌଣସି କାଗଜପତ୍ର ନବୀକରଣ କରିନଥିଲେ ତାହାର ଉପଯୁକ୍ତ କାରଣ ଦର୍ଶାଇବାକୁ ପଡ଼ିବ। ଯଦି ଏହି ଜବାବରେ କମିସନର ସନ୍ତୁଷ୍ଟ ହୁଅନ୍ତି ତାହେଲେ ଏହି ଗାଡ଼ିକୁ ଚଳାଚଳ ଅନୁମତି ଦେବାକୁ ସେ ଏନେଇ କେନ୍ଦ୍ର ସଡ଼କ ମନ୍ତ୍ରଣାଳୟକୁ ଜଣାଇବେ । ଅନ୍ୟପକ୍ଷରେ ଏଭଳି ନିୟମ ଗାଡ଼ି ମାଲିକମାନଙ୍କୁ ପୁଣି ନୟାନ୍ତ କରିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଲାଣି ।